ଜନବାର୍ତ୍ତା

ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର

(JANABARTTA SWABHIMANI ODIANKA SWARA)

ପ୍ରତିଷ୍ଠାତା - ବିଜୟ କୁମାର ପଟ୍ଟନାୟକ

THE JANABARTTA ଜନବାର୍ତ୍ତା • ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର •

Follow Us : Our Digital News Channel : Janabartta Live

www.janabartta.com

epaper.janabartta.com

22 NOVEMBER to 28 NOVEMBER 2026

୨୨ ନଭେମ୍ବର ଠାରୁ ୨୮ ନଭେମ୍ବର, ୨୦୨୬

VOL- 1 • ISSUE- 40 ବର୍ଷ-୧ • ସଂଖ୍ୟା- ୪୦ PRGI NO- ORORI/26/A0341. • WEEKLY EDITION ପୃଷ୍ଠା-୮ • ମୂଲ୍ୟ-୮/- PAGES - 8 • PRICE- 8/-

ବ୍ୟଙ୍ଗ ବାର୍ତ୍ତା



ବାତ୍ୟା 'ଆକଭାନ୍' ଆସିଥିଲା
ଭାରି ଠାଣି କରି,
ପ୍ରଶାସନ ଦେଖି ତାକୁ
ଦେଲା ପୂରା ତଡ଼ି ।
କିନ୍ତୁ ଲଗାଣ ବର୍ଷାରେ
ଭାସିଗଲା ଧାନ,
ଚାଷୀ ଭାଇ ଏବେ ବସି
ଗଣୁଛି ତା' ପ୍ରାଣ ।
ବାତ୍ୟା ଗଲା ପରେ
ଏବେ ପଞ୍ଚୁକର ଭିଡ଼,
ଠେଲାପେଲା ଭିତରେ ଖୋଜା
ଚାଲେ ଶାନ୍ତି ନୀଡ଼ !

ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର

ଆଜି ଗଞ୍ଜାମ କାନ୍ଦୁଛି । ଶହ ଶହ ଗାଁର ଲୋକେ ସର୍ବସ୍ୱାନ୍ତ ହୋଇଯାଇଛନ୍ତି । ଚାଷ ଉଜୁଡ଼ି ଯାଇଛି । ବାତ୍ୟା "ଅର୍ଣ୍ଣବ" ଯୋଗୁଁ ଆସିକା ଓ ବ୍ରହ୍ମପୁର ସହରରେ ଯେଉଁଭଳି ଭାବରେ ବନ୍ୟା ଜଳ ପ୍ରବେଶ କରି ତାଣ୍ଡବ ରଚିଲା ତାହା ଭୁଲି ହେବ ନାହିଁ । ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ଜଳସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଦୃଢ଼ତାର ସହିତ କହିଛନ୍ତି ଯେ, ବନ୍ୟାର ମାତ୍ରାକୁ କମା ଯାଇପାରି ଥାଆନ୍ତା ଯଦି ଋଷିକୁଲ୍ୟା ଓ ତାହାର ଉପନଦୀଗୁଡ଼ିକରେ ଥିବା ଜଳଭଣ୍ଡାରଗୁଡ଼ିକରୁ ଠିକ ସମୟରେ ଜଳ ନିଷ୍କାସନ କରାଯାଇ ଥାଆନ୍ତା । ଏହି ଅଭିଯୋଗକୁ ଖଣ୍ଡନ କରି ବର୍ତ୍ତମାନର ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ, ଜଳ ପରିଚାଳନା ନୁହେଁ, ଅତ୍ୟଧିକ ବର୍ଷା ଯୋଗୁଁ ବନ୍ୟା ଘଟିଛି । କଂଗ୍ରେସ ଦଳ ଅଭିଯୋଗ କରିଛି ଯେ ବନ୍ୟାଟି ମନୁଷ୍ୟକୃତ । କିନ୍ତୁ ଅଭିଯୋଗ ପ୍ରତ୍ୟଭିଯୋଗ ଦ୍ୱାରା ଗଞ୍ଜାମର ସହସ୍ରାଧିକ ଲୋକଙ୍କ ଦୁଃଖ ଦୂର ହୋଇ ପାରିବ ନାହିଁ । ପ୍ରଶାସନ ଏହି ବିପର୍ଯ୍ୟୟରୁ ଶିକ୍ଷା ଲାଭ କରିବା ଉଚିତ । ଆଗାମୀ ଦିନମାନଙ୍କରେ ଯଦି ଭୟଙ୍କର ବାତ୍ୟା ଆସେ ତେବେ ଆର୍‌ଡିସିଙ୍କ ଅଫିସରେ ଏକ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ରହିବା ଉଚିତ ଓ ଜଳ ପରିଚାଳନା ସହ ରିଲିଫ୍ ଓ ଉଦ ୍ଧାର ପାଇଁ ଆଗୁଆ ପ୍ରସ୍ତୁତି କରିବା ଉଚିତ । ବନ୍ୟା ବା ବାତ୍ୟା ସମୟରେ ତାହା ଅହୋରାତ୍ର କାର୍ଯ୍ୟ କରିବା ଉଚିତ ।

କିନ୍ତୁ ଗଞ୍ଜାମର ଦୁଃଖ କେବଳ ବନ୍ୟା ଯୋଗୁଁ ନୁହେଁ । ଆଜି ଗଞ୍ଜାମର ପରିଚୟ ହେଉଛି 'ଦାଦନ' । ଯେଉଁ ଗଞ୍ଜାମର ପାଲୁର ବନ୍ଦରରୁ ଦିନେ ସାଧବ ପୁଅମାନେ ବାଣିଜ୍ୟ କରିବାକୁ ବୋଇତରେ ଯାଉଥିଲେ ଆଜି ସେହି ଗଞ୍ଜାମର ରେଳ ଷ୍ଟେସନରେ ଦୂରଗାମୀ ଟ୍ରେନ ଓ ଗାଁ ଗାଁରେ ବସ୍ ଠିଆ ହୋଇଯାଉଛି ଲୋକଙ୍କୁ ବୋହି ନେବା ପାଇଁ ସୁଦୂର ସୁରତକୁ । ସୁରତର 'ଗୁଜରାତ ମଡେଲ'କୁ ସାରା ବିଶ୍ୱରେ ଏକ ସଫଳ କାହାଣି ଭାବରେ ପରିବେଷଣ କରାଯାଉଛି । କିନ୍ତୁ ଉକ୍ତ କାହାଣିରେ ପରିବାରକୁ ଗାଁରେ ଛାଡ଼ି ସୁରତରେ ଝାଳ ବୁହାଉଥିବା ଗଞ୍ଜାମର ଶ୍ରମିକର ଉଲ୍ଲେଖ ହୁଏ ନାହିଁ । ସୁରତରେ ବା କେରଳରେ ବା ବିଶାଖାପାଟଣାରେ କାହିଁକି ଶିଳ୍ପ ପରେ ଶିଳ୍ପ ହୋଇ ଚାଲିଛି କିନ୍ତୁ ଆସିକାର ସୂତାକଳ କାହିଁକି ବନ୍ଦ ପଡ଼ିଛି, ଆସିକାର ଚିନି କଳ କାହିଁକି ରୁଗ୍ଣ ହୋଇଯାଇଛି ସେ ପ୍ରଶ୍ନ ଉଠେ ନାହିଁ ।

ବ୍ରହ୍ମପୁରକୁ ରେଶମ ନଗରୀ ବା ସିଲ୍କ୍ ସିଟି ନାମ ଦିଆ ଯାଇଛି । ବ୍ରହ୍ମପୁରର ପାଟ ଦିନେ ସମଗ୍ର ଓଡ଼ିଶାରେ ଓ ଭାରତରେ ପ୍ରସିଦ୍ଧ ଥିଲା । ଆଜି ସେ ବୁଣାକାର କେଉଁଠି ? ଭାରତ ନୁହେଁ, ଅନ୍ତତଃ ଓଡ଼ିଶାରେ ତାହାର ଆଦର ଅଛି କି ? ଗଞ୍ଜାମର ବୈଦ୍ୟମାନେ ଓଡ଼ିଶାର ଗର୍ବ ଥିଲେ । ଆଜି ସେମାନେ ନିଷ୍ପ୍ରଭ । ଗଞ୍ଜାମର ପାଲା ଥିଲା ସଂସ୍କୃତିର ଏକ ପ୍ରତୀକ । ଆଜି ତାହା ପ୍ରାୟତଃ ବିସ୍ମୃତ ।

ଦିନେ ଗଞ୍ଜାମରୁ ନିର୍ବାଚିତ ହୋଇଥିଲେ ଭାରତର ପ୍ରଧାନମନ୍ତ୍ରୀ । ଦିନେ ଗଞ୍ଜାମ ଜନ୍ମ ଦେଇଥିଲା ଭାରତର ରାଷ୍ଟ୍ରପତିଙ୍କୁ । ଗଞ୍ଜାମରୁ ହୋଇଥିଲେ ଓଡ଼ିଶାର ତିନି ଜଣ ମୁଖ୍ୟମନ୍ତ୍ରୀ । ଆଜି ଗଞ୍ଜାମର ରାଜନୈତିକ ଚିତ୍ରପଟ ବଦଳି ଯାଇଛି । ମଦ ମାଫିଆ, ବାଲି ମାଫିଆ, ବନ୍ଧୁକ, ଖଣ୍ଡା, ଭୁଜାଲି – ଏଗୁଡ଼ିକ ଗଞ୍ଜାମ ରାଜନୀତିର ଗୋଟିଏ ଗୋଟିଏ ପରିଚୟ ।

ଏହାର କ'ଣ ପରିବର୍ତ୍ତନ ହୋଇପାରିବ ନାହିଁ? ଗଞ୍ଜାମକୁ ସୁନାର ଗଞ୍ଜାମରେ ପରିଣତ କରାଯାଇ ପାରିବ ନାହିଁ ?

ସୁନାର ଗଞ୍ଜାମ ଗଢ଼ିବାକୁ ହେଲେ ଆମକୁ ପ୍ରଥମେ ସ୍ଥିର କରିବାକୁ ହେବ ଆମର ଗତିପଥ । ଗଞ୍ଜାମର ହୃତ ଗୌରବ ଫେରାଇ ଆଣିବା ପାଇଁ ଏହାର ଶିକ୍ଷା ବ୍ୟବସ୍ଥାକୁ ସଜାଡ଼ିବାକୁ ହେବ । ଦିନେ ଗଞ୍ଜାମ ଓଡ଼ିଶାକୁ ଦେଇଥିଲା ଗୋଟିଏ କବି ସମ୍ରାଟ ଓ ଗୋଟିଏ କବିସୂର୍ଯ୍ୟ । ଆଜି ପଞ୍ଚମ ଶ୍ରେଣୀର ପିଲାମାନେ ଦ୍ୱିତୀୟ ଶ୍ରେଣୀର ବହି ପଢ଼ିବାରେ କଷ୍ଟ ଅନୁଭବ କରୁଛନ୍ତି । ପଞ୍ଚମ ଶ୍ରେଣୀରେ ପଢୁଥିବା ମାତ୍ର ୩୦% ଛାତ୍ରଛାତ୍ରୀ ହରଣ କରିପାରୁଛନ୍ତି । ଏହାର କାରଣ ହେଲା ସ୍କୁଲମାନଙ୍କରେ ପ୍ରତ୍ୟେକ ଶ୍ରେଣୀ ପାଇଁ କକ୍ଷ ନାହିଁ । ଦୁଇ ତିନୋଟି କ୍ଲାସର ପିଲା ଗୋଟିଏ କକ୍ଷରେ ବସି ପଢୁଛନ୍ତି । ମାତ୍ର ଜଣେ ବା ଦୁଇ ଜଣ ଶିକ୍ଷକ ନେଇ ସ୍କୁଲ ଚାଲିଛି । ମଧ୍ୟାହ୍ନ ଭୋଜନଠାରୁ ଆରମ୍ଭ କରି ବିଭିନ୍ନ ରିପୋର୍ଟ ପ୍ରସ୍ତୁତିରେ ଶିକ୍ଷକମାନେ ଏଭଳି ବ୍ୟସ୍ତ ଯେ ପାଠ ପଢ଼ାଇବାକୁ ସେମାନଙ୍କ ନିକଟରେ ସମୟ ନାହିଁ । ଯେହେତୁ ଛାତ୍ରଛାତ୍ରୀମାନଙ୍କୁ ଫେଲ କରିବା ବ୍ୟବସ୍ଥା ନାହିଁ । ତେଣୁ ସେମାନେ ଶିକ୍ଷା ଲାଭ କଲେ ବା ନ କଲେ ସେଥିପାଇଁ କାହାର ଚିନ୍ତା ନାହିଁ । ଏଭଳି ବ୍ୟବସ୍ଥାର ଭବିଷ୍ୟତ କ'ଣ ତାହା ବର୍ଣ୍ଣନା କରିବା ଅନାବଶ୍ୟକ ।

ଉଚ୍ଚଶିକ୍ଷା ବ୍ୟବସ୍ଥା ମଧ୍ୟ ତଦ୍ରୂପ । ବ୍ରହ୍ମପୁର ନିକଟରେ ଏକାଧିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠିତ ହୋଇଛି । ଅଧିକାଂଶ ଅନୁଷ୍ଠାନରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନାହାନ୍ତି । ଅତିଥି ଅଧ୍ୟାପକମାନଙ୍କୁ ନେଇ କ୍ଲାସ୍ ଚଳା ଯାଉଛି । ଏଥିରେ ଗୁଣାତ୍ମକ ଶିକ୍ଷା ଆଶା କରିବା ବୃଥା । ଯେଉଁମାନେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଉଛନ୍ତି ସେମାନଙ୍କ ପାଇଁ ଚାକିରି ନାହିଁ । ତେଣୁ ପିଲାମାନେ ପାଠ ପଢ଼ିବେ କାହିଁକି ?

ଏ ସମସ୍ତ ବ୍ୟବସ୍ଥାର ପରିବର୍ତ୍ତନ ଆବଶ୍ୟକ । ପ୍ରତ୍ୟେକ ସରକାରୀ ସ୍କୁଲ, ପ୍ରତ୍ୟେକ କଲେଜ ପାଇଁ ଏକ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିବା ଉଚିତ ଯେପରିକି ସେଠାରେ ଆବଶ୍ୟକ ସଂଖ୍ୟକ ଶ୍ରେଣୀ କକ୍ଷ ଓ ଶିକ୍ଷକ ମିଳି ପାରୁଥିବେ । ଅଭିଭାବକମାନେ ସ୍କୁଲ ପରିଚାଳନା କମିଟି ଜରିଆରେ ଶିକ୍ଷାର ଗୁଣାତ୍ମକ ମାନ ଉପରେ ତୀକ୍ଷ୍ଣ ନଜର ରଖିବା ଉଚିତ । ବୁଦ୍ଧିଜୀବୀମାନେ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକର ଅବ୍ୟବସ୍ଥା ବିଷୟରେ ଆଲୋଚନା କରିବା ଉଚିତ । ଯେ ପର୍ଯ୍ୟନ୍ତ ଜନସାଧାରଣ ଶିକ୍ଷାକୁ ଗୁରୁତ୍ୱ ଦେଇ ନାହାନ୍ତି ସେ ପର୍ଯ୍ୟନ୍ତ ସେଥିରେ ପରିବର୍ତ୍ତନ ଅଣାଯାଇ ପାରିବ ନାହିଁ ।

ଏକ ଶିକ୍ଷିତ ଗଞ୍ଜାମ ସଙ୍ଗେ ସଙ୍ଗେ ଏକ ସୁସ୍ଥ ଗଞ୍ଜାମ ଗଢ଼ିବାକୁ ହେବ । ଏହା କେବଳ ଆୟୁଷ୍ମାନ ଯୋଜନା ମାଧ୍ୟମରେ ସମ୍ଭବ ନୁହେଁ । ଏକ ସୁସ୍ଥ ସମାଜ ପାଇଁ ଶୁଦ୍ଧ ପାନୀୟ ଜଳ, ସୁକ୍ଷମ ଖାଦ୍ୟ ଓ ସୁସ୍ଥ ପରିବେଶ ଆବଶ୍ୟକ । ଏହା ଗାଁ ଗାଁରେ ଉପଲବ୍ଧ ହେଉଛି କି ନାହିଁ ତାହା ତଦାରଖ କରିବା ପାଇଁ ଯୁବସମାଜ ଆଗେଇ ଆସିବା ଉଚିତ । କେବଳ ଘରୋଇ ଡାକ୍ତରଖାନାର ସମୃଦ୍ଧି ନ କରି ସରକାରୀ ଚିକିତ୍ସା ଅନୁଷ୍ଠାନଗୁଡ଼ିକୁ ସଶକ୍ତ କରିବାକୁ ହେବ । ବ୍ରହ୍ମପୁରର ମୁଖ୍ୟ ଚିକିତ୍ସା କେନ୍ଦ୍ର ଏମ୍‌କେସିଜି ମେଡ଼ିକାଲ କଲେଜର ସର୍ବାଙ୍ଗୀନ ଉନ୍ନତି କରିବାକୁ ହେବ ଯାହା ଫଳରେ କି ରୋଗୀମାନଙ୍କୁ ବିଶାଖାପାଟଣା ବା ଅନ୍ୟ କୌଣସି ଦୂର ଦୂରାନ୍ତ ସ୍ଥାନକୁ ଯିବାକୁ ପଡ଼ିବ ନାହିଁ ।



ବିଜୟ କୁମାର ପଟ୍ଟନାୟକ

ପୂର୍ବତନ ମୁଖ୍ୟ ଶାସନ ସଚିବ
ଓଡ଼ିଶା

ଗଞ୍ଜାମର କଳଙ୍କ 'ଦାଦନ' ବ୍ୟବସ୍ଥାକୁ ମୂଳପୋଛ କରିବାକୁ ହେବ । ଦିନେ ଶ୍ରୀକାକୁଲମ ଓ ତାହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଲୋକେ ଓଡ଼ିଶା ଆସି ରିକ୍‌ସା ଟାଣୁଥିଲେ । ଆଜି ସେମାନେ ନିଜ ରାଜ୍ୟରେ ଏତେ ସୁବିଧାରେ ଅଛନ୍ତି ଯେ ସେମାନଙ୍କୁ ଆଉ ଓଡ଼ିଶାକୁ ଆସି ଗୁଜୁରାଣ ମେଣ୍ଟାଇବାକୁ ପଡୁ ନାହିଁ । ଏହା କିଭଳି ସମ୍ଭବ ହେଲା ? ତାହାର ପ୍ରମୁଖ କାରଣ ହେଲା ଆମର ପଡ଼ୋଶୀ ରାଜ୍ୟରେ ସେମାନେ କୃଷିକୁ ସମୃଦ୍ଧ କରି ପାରିଛନ୍ତି । ଏବେ ଆନ୍ଧ୍ରର କୃଷି ସାମ୍ରାଜ୍ୟ ଏତେ ସମୃଦ୍ଧ ଓ ବିସ୍ତୃତ ଯେ ତାହା ଓଡ଼ିଶାର ବଜାରକୁ ଅକ୍ତିଆର କରି ନେଇଛି । ଦିନ ଥିଲା ଗଞ୍ଜାମର ଚାଷୀ ସୁନା ଫଳାଇ ପାରୁଥିଲା । 'ମୋତେ ଆଞ୍ଜୁଳାଏ ପାଣି ଦିଅ ଓ ମୁଁ ବସ୍ତାଏ ଧାନ ଦେବି' – ଏହା ଥିଲା ଗଞ୍ଜାମ ଚାଷୀର ଦମ୍ଭୋକ୍ତି । ଆଜି ଗଞ୍ଜାମର ଚାଷୀ ଅନେକ ବିଲକୁ ପଡ଼ିଆ ପକାଇ ଅନ୍ୟ ରାଜ୍ୟକୁ ଚାଲି ଯାଉଛି ପେଟ ପୋଷିବା ପାଇଁ । ଏ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବାକୁ ହେବ । ଏହି ପରିବର୍ତ୍ତନର ପ୍ରଥମ ପଦକ୍ଷେପ ହେଲା ଜଳସେଚନର ଅଭିବୃଦ୍ଧି । କଳାହାଣ୍ଡି ଜିଲ୍ଲାର ଇନ୍ଦ୍ରାବତୀ ପ୍ରକଳ୍ପକୁ ଅନୁଧ୍ୟାନ କଲେ ଜଣାଯାଏ ଯେ କଳାହାଣ୍ଡି ଦିନେ ଦୁର୍ଭିକ୍ଷର ଅନ୍ୟ ନାମ ଥିଲା । କିନ୍ତୁ ଇନ୍ଦ୍ରାବତୀ ପ୍ରକଳ୍ପ ହେବା ପରେ ଏହା ଧାନ ଉତ୍ପାଦନରେ ଏକ ବଳକା ଜିଲ୍ଲାରେ ପରିଣତ ହୋଇଛି

ସୁନାର ଗଞ୍ଜାମ

ଓ ଜଳସେଚିତ ଅଞ୍ଚଳରୁ ଆଉ ଲୋକେ କାମ ପାଇଁ ଅନ୍ୟ ରାଜ୍ୟକୁ ଯାଉ ନାହାନ୍ତି । ଗଞ୍ଜାମର ମୁଖ୍ୟ ନଦୀ ହେଲା ଋଷିକୁଲ୍ୟା । ଋଷିକୁଲ୍ୟା ଜଳସେଚନ ଯୋଜନା ନଅ ଅଙ୍କ ଦୁର୍ଭିକ୍ଷ ପରେ ଇଂରେଜମାନଙ୍କ ଦ୍ୱାରା ପରିକଳ୍ପିତ ହୋଇଥିଲା । ଏହା ହୀରାକୁଦ ନଦୀବନ୍ଧ ଯୋଜନା ଭଳି ଏକ ବୃହତକାୟ ଯୋଜନା ନୁହେଁ । ଋଷିକୁଲ୍ୟାର ଉପନଦୀମାନଙ୍କରେ ଜଳାଶୟ ନିର୍ମାଣ କରି ଏକ ସମନ୍ୱିତ ଜଳସେଚନ ବ୍ୟବସ୍ଥା ପ୍ରସ୍ତୁତ କରାଯାଇଥିଲା । ଯଦିଓ କେତେକ ସ୍ଥାନରେ ଉପଯୁକ୍ତ ରକ୍ଷଣାବେକ୍ଷଣ କରାଯାଇ ପାରି ନାହିଁ । ତଥାପି ସେଗୁଡ଼ିକ ବର୍ତ୍ତମାନ ମଧ୍ୟ କାର୍ଯ୍ୟକ୍ଷମ । ସମୟ ଆସିଛି ସେଗୁଡ଼ିକର ପ୍ରସାରଣ କରିବାର । ଯେହେତୁ ଗଞ୍ଜାମର ସବୁ ନଦୀ ଗୁଡିକ ବର୍ଷା ଉପରେ ନିର୍ଭରଶୀଳ, ବର୍ଷା ସମୟର ଉଦ୍ୱୃତ୍ତ ଜଳକୁ ବିଭିନ୍ନ ପୋଖରୀ ଓ ଜଳାଶୟ ସହିତ ସଂଯୋଗ କରାଗଲେ ଜଳସେଚିତ ଜମିର ପରିମାଣ ଅଭିବୃଦ୍ଧି କରାଯାଇ ପାରିବ । ସେଥିପାଇଁ ଏକ ଦୀର୍ଘକାଳୀନ ଯୋଜନା ପ୍ରଣୟନ କରାଯିବା ଉଚିତ ।

କେବଳ ବର୍ଷାଜଳ ନୁହେଁ, ଭୂତଳ ଜଳକୁ ମଧ୍ୟ ଚାଷ କାର୍ଯ୍ୟରେ ଲଗା ଯାଇ ପାରିବ । ଆନ୍ଧ୍ର ପ୍ରଦେଶରେ ଯେତେ ପରିମାଣର ଭୂତଳଜଳ କୁ ବ୍ୟବହାର କରାଯାଇଛି ଓଡ଼ିଶାରେ ଅଦ୍ୟାବଧି ତାହା ହୋଇପାରି ନାହିଁ । ଏଥିପାଇଁ ଓଡ଼ିଶାରେ ଯୋଜନା ପ୍ରସ୍ତୁତ ହୋଇ ସାରିଛି । କେବଳ ତାହାର ସଫଳ ରୂପାୟନ ହେବାର ଆବଶ୍ୟକତା ରହିଛି । ଏଥିରେ ମଧ୍ୟ ଜନ ସମ୍ପୃକ୍ତିର ଆବଶ୍ୟକତା ରହିଛି । ଶିକ୍ଷିତ ଚାଷୀମାନେ ନିଜ ନିଜ ଜମିରେ ଗଭୀର ନଳକୂପ ଦାବୀ କରିବା ଉଚିତ ।

ଶିକ୍ଷାରେ ଯେଭଳି ଗୁଣାତ୍ମକ ମାନ ବୃଦ୍ଧି କରିବାର ଆବଶ୍ୟକତା ଅଛି, ସେହିଭଳି କୃଷିରେ ମଧ୍ୟ ଗୁଣାତ୍ମକ ମାନ ବୃଦ୍ଧି କରିବାର ଆବଶ୍ୟକତା ଅଛି । ଶିକ୍ଷିତ ପିଲାମାନେ ବିଭିନ୍ନ କମ୍ପାନୀରେ ଚାକିରି ପଛରେ ନ ଗୋଡ଼ାଇ କୃଷି ପ୍ରତି ଆକୃଷ୍ଟ ହେବା ଉଚିତ । ପଞ୍ଜାବ, ମହାରାଷ୍ଟ୍ର, ତାମିଲନାଡୁ, ଆନ୍ଧ୍ର ଭଳି ରାଜ୍ୟମାନଙ୍କରେ ଶିକ୍ଷିତ ବ୍ୟକ୍ତିମାନେ କୃଷି ପ୍ରତି ଆକୃଷ୍ଟ ହୋଇଛନ୍ତି । ଫଳରେ ସେମାନେ କୃଷିକ୍ଷେତ୍ରରେ ଆଧୁନିକ ଜ୍ଞାନ କୌଶଳ ପ୍ରୟୋଗ କରିପାରୁଛନ୍ତି । ନ୍ୟୁଜିଲାଣ୍ଡ, ହଲାଣ୍ଡ ଭଳି କେତେକ ଉନ୍ନତ ଦେଶ ସମ୍ପୂର୍ଣ୍ଣ ଭାବରେ କୃଷି ଉପରେ ନିର୍ଭରଶୀଳ । ଏପରିକି ଇସ୍ରାଏଲ ଭଳି ମରୁଡ଼ି ପ୍ରବଣ ଦେଶ ମଧ୍ୟ ଅତ୍ୟାଧୁନିକ କୌଶଳ ବ୍ୟବହାର କରି ଏକ କୃଷିଜାତ ଦ୍ରବ୍ୟ ରପ୍ତାନିକାରୀ ଦେଶ ଭାବରେ ନିଜର ପରିଚୟ ସୃଷ୍ଟି କରିପାରିଛି । ତାହା ହେଲେ ଗଞ୍ଜାମ ସେଭଳି ନିଜର ପରିଚୟ ସୃଷ୍ଟି କରି ପାରିବ ନାହିଁ କାହିଁକି ?

ଆସନ୍ତା ସପ୍ତାହରେ ଏ ବିଷୟରେ ଅଧିକ ଆଲୋଚନା କରିବା ।

ଓଡ଼ିଶାରେ ବଡ଼ ଧରଣର ଜୀବନହାନି ଟଳିଲା

ବାତ୍ୟା 'ଅକଭାନ୍' ପରବର୍ତ୍ତୀ ସ୍ଥିତି

ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି ପୁନରୁଦ୍ଧାର କାର୍ଯ୍ୟ

- ଆଗୁଆ ସ୍ଥାନାନ୍ତରଣ ଯୋଗୁଁ ବଞ୍ଚିଲା ଜୀବନ
- ରାସ୍ତା ସଫେଇ ଓ ଗଛ କଟା କାର୍ଯ୍ୟ ଜୋରଦାର
- ବିଦ୍ୟୁତ୍ ସେବା ପୁନଃଯୋଗାଣ ଓ କୃଷି କ୍ଷୟକ୍ଷତି
- ୪.୪୦ ଲକ୍ଷ ଲୋକଙ୍କୁ ସୁରକ୍ଷିତ ସ୍ଥାନାନ୍ତର
- ପ୍ରଭାବିତ ଜିଲ୍ଲାରେ ରାସ୍ତା ସଫା କରୁଛି ଓଡ୍ରାଫ୍
- ୯୯% ଅଞ୍ଚଳକୁ ଫେରିଲା ବିଦ୍ୟୁତ୍ ସେବା

ଭୁବନେଶ୍ୱର, ୨୧ /୧୧ (ଜେଏନ୍‌ଏସ୍) : ଗୋପାଳପୁର ନିକଟରେ ସ୍ଥଳଭାଗ ଛୁଇଁବା ପରେ ବାତ୍ୟା 'ଅକଭାନ୍' ଦୁର୍ବଳ ହୋଇ ଅବପାତରେ ପରିଣତ ହୋଇଛି । ରାଜ୍ୟ ସରକାରଙ୍କ ଆଗୁଆ ପଦକ୍ଷେପ ଓ 'ଜିରୋ କାଜୁଆଲିଟି' (ଶୂନ୍ୟ ଜୀବନହାନି) ଲକ୍ଷ୍ୟ ଯୋଗୁଁ ରାଜ୍ୟରେ କୌଣସି ବଡ଼ ଧରଣର ଜୀବନହାନି ଘଟିନାହିଁ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୂଚନା ଦେଇଛନ୍ତି । ବାତ୍ୟା ଥମିବା ପରେ ଏବେ ପ୍ରଭାବିତ ଜିଲ୍ଲାଗୁଡ଼ିକରେ ପ୍ରଶାସନ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର ଓ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛି ।


ବାତ୍ୟାର ପ୍ରକୋପକୁ ଦୃଷ୍ଟିରେ ରଖି ରାଜ୍ୟର ବିଭିନ୍ନ ତଳିଆ ଓ ସମ୍ବେଦନଶୀଳ ଅଞ୍ଚଳରୁ ପ୍ରାୟ ୪.୪୦ ଲକ୍ଷ ଲୋକଙ୍କୁ ସୁରକ୍ଷିତ ଭାବେ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଥିଲା । ବିଶେଷ କରି ଗଞ୍ଜାମ, ଗଜପତି, ପୁରୀ ଏବଂ ଖୋର୍ଦ୍ଧା ଜିଲ୍ଲାରେ ପ୍ରଶାସନ ପକ୍ଷରୁ ସ୍ଥାନାନ୍ତରିତ ଲୋକଙ୍କ ପାଇଁ ରନ୍ଧା ଖାଦ୍ୟ, ପାନୀୟ ଜଳ ଓ ସ୍ୱାସ୍ଥ୍ୟସେବାର ବ୍ୟବସ୍ଥା କରାଯାଇଛି ।

ବାତ୍ୟା ସମୟରେ ପ୍ରବଳ ପବନ ଯୋଗୁଁ ଗଞ୍ଜାମ, ବ୍ରହ୍ମପୁର ଓ ଆଖପାଖ ଅଞ୍ଚଳରେ ଅନେକ ସ୍ଥାନରେ ବଡ଼ ବଡ଼ ଗଛ ଉପୁଡ଼ି ରାସ୍ତା ଅବରୋଧ ହୋଇଥିଲା । ବାତ୍ୟା ଦୁର୍ବଳ ହେବା ମାତ୍ରେ ଓଡ୍ରାଫ୍), ଏନ୍‌ଡିଆର୍‌ଏଫ୍ ଏବଂ ଅଗ୍ନିଶମ ବାହିନୀର ଟିମ୍ ଗଛ କାଟି ରାସ୍ତା ସଫା କରିବା କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି । ଫଳରେ ପ୍ରଭାବିତ ଅଞ୍ଚଳରେ ଗମନାଗମନ ସ୍ୱାଭାବିକ ହେବାରେ ଲାଗିଛି ।

ବାତ୍ୟା ପ୍ରଭାବିତ ଦକ୍ଷିଣ ଓଡ଼ିଶାର ଜିଲ୍ଲାଗୁଡ଼ିକରେ ବିଦ୍ୟୁତ୍ ବିଭାଗ ପକ୍ଷରୁ ତ୍ୱରିତ ପଦକ୍ଷେପ ନିଆଯାଇ ପ୍ରାୟ ୯୯ ପ୍ରତିଶତ ଉପଭୋକ୍ତାଙ୍କୁ ବିଦ୍ୟୁତ୍ ସେବା ପୁନଃଯୋଗାଣ କରାଯାଇସାରିଛି । ଅନ୍ୟପଟେ, ଲଗାଣ ବର୍ଷା ଓ ପବନ ଯୋଗୁଁ ଗଞ୍ଜାମ ସମେତ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ହଜାର ହଜାର ହେକ୍ଟର ଅମଳକ୍ଷମ ଧାନ ଓ ପନିପରିବା ଫସଲ ନଷ୍ଟ ହୋଇଛି । ବାତ୍ୟା ପରବର୍ତ୍ତୀ କ୍ଷୟକ୍ଷତିର ତୁଟ୍ଟାନ୍ତ ଆକଳନ କରିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଖୁବ୍‌ଶୀଘ୍ର ପ୍ରଭାବିତ ଚାଷୀଙ୍କୁ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି ।

ପଞ୍ଚୁକ ପାଇଁ ଶ୍ରୀମନ୍ଦିରରେ ଭିଡ଼

ଧବଳେଶ୍ୱର ପୀଠରେ ଦର୍ଶନ ଅବ୍ୟବସ୍ଥା



- ଲକ୍ଷ୍ମୀନାରାୟଣ ବେଶ ଦର୍ଶନ କଲେ ଲକ୍ଷାଧିକ ଶ୍ରଦ୍ଧାଳୁ
- ତିଥି କ୍ଷୟ ଯୋଗୁଁ ଚଳିତ ବର୍ଷ ୫ ଦିନ ବଦଳରେ ୪ ଦିନ ପାଳିତ ହେଉଛି ପଞ୍ଚୁକ ବ୍ରତ
- ଶୃଙ୍ଖଳିତ ଦର୍ଶନ ପାଇଁ ବଡ଼ଦାଣ୍ଡରେ ୬ ଥାକିଆ ବ୍ୟାରିକେଡ୍

ପୁରୀ/ଆଠଗଡ଼, ୨୧/୧୧ (ଜେଏନ୍‌ଏସ୍) : ବାତ୍ୟା 'ଆକଭାନ୍'ର ପ୍ରଭାବ ଟଳିବା ଓ ପାଗ ଅନୁକୂଳ ହେବା ପରେ ପବିତ୍ର ପଞ୍ଚୁକ ଅବସରରେ ଆଜି ରାଜ୍ୟର ପ୍ରମୁଖ ଶୈବ ଓ ବୈଷ୍ଣବ ପୀଠଗୁଡ଼ିକରେ ଶ୍ରଦ୍ଧାଳୁଙ୍କ ଅସମ୍ଭାଳ ଭିଡ଼ ଦେଖିବାକୁ ମିଳିଛି । ଗୋଟିଏ ପଟେ ଶ୍ରୀକ୍ଷେତ୍ର ପୁରୀରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ମହାପ୍ରଭୁଙ୍କ ଦୁର୍ଲଭ ଲକ୍ଷ୍ମୀନାରା

ଜନବାର୍ତ୍ତା
ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

ନୟାଗଡ଼ରେ ଜାତୀୟ ପ୍ରେସ ଦିବସ ପାଳିତ

ସାମ୍ବାଦିକତାରେ ସତ୍ୟନିଷ୍ଠା, ନିରପେକ୍ଷତା ଓ ଦାୟିତ୍ୱବୋଧ ଉପରେ ଗୁରୁତ୍ୱାରୋପ

ନୟାଗଡ଼, ୨୧/୧୧ (ଜେଏନ୍‌ଏସ୍) : ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦଭାବନା ସଭାଗୃହରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ସାମ୍ବାଦିକତାର ମୂଲ୍ୟବୋଧ, ସାମ୍ବାଦିକଙ୍କ ସାମାଜିକ ଦାୟିତ୍ୱ ଏବଂ ଗଣତନ୍ତ୍ରର ସୁରକ୍ଷାରେ ଗଣମାଧ୍ୟମର ଭୂମିକା ଉପରେ ଆଲୋଚନା ହୋଇଥିଲା ।



କାର୍ଯ୍ୟକ୍ରମରେ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଜ୍ୟୋତି ରଞ୍ଜନ ସାମନ୍ତରାୟ, ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ନାୟକ, ସାମ୍ବାଦିକ ଭବନର ସଭାପତି ରଜତ ପଟ୍ଟନାୟକ ଏବଂ ଜିଲ୍ଲା ଲୋକ ସୂଚନା ଓ ସମ୍ପର୍କ ଅଧିକାରୀ ପ୍ରଦୀପ୍ତ କୁମାର ସେନାପତି ଯୋଗଦେଇଥିଲେ । ଏଥିସହ ଜିଲ୍ଲାର ବହୁ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ରହିଥିଲେ । ଅତିଥିମାନେ ନିଜ ବକ୍ତବ୍ୟରେ ସାମ୍ବାଦିକତା କେବଳ ଖବର ପରିବେଷଣର ମାଧ୍ୟମ ନୁହେଁ, ବରଂ ଏହା ସମାଜର ଦର୍ପଣ ବୋଲି ମତବ୍ୟକ୍ତ କରିଥିଲେ । ସତ୍ୟ ଓ ନିରପେକ୍ଷ ଖବର ପରିବେଷଣ ସହ ଜନସାଧାରଣଙ୍କ ସମସ୍ୟାକୁ ପ୍ରଶାସନ ନିକଟରେ ପହଞ୍ଚାଇବା ସାମ୍ବାଦିକଙ୍କ ମୁଖ୍ୟ ଦାୟିତ୍ୱ ବୋଲି ମତ ପ୍ରକାଶ ପାଇଥିଲା । ବର୍ତ୍ତମାନର ଡିଜିଟାଲ ଯୁଗରେ ଗୁଜବ ଓ ଅପପ୍ରଚାରଠାରୁ ଦୂରେଇ ରହି ତଥ୍ୟଭିତ୍ତିକ ଖବର ପ୍ରସାରଣ କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା । ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ଗଣମାଧ୍ୟମର ଭୂମିକାକୁ ଅଧିକ ସୁଦୃଢ଼ କରିବା ସହ ସାମ୍ବାଦିକଙ୍କ ନିରାପତ୍ତା, ସ୍ୱାଧୀନତା ଓ ନିରପେକ୍ଷତା ବଜାୟ ରଖିବା ଉପରେ ମତ ପ୍ରକାଶ ପାଇଥିଲା ।

ଯାଜପୁରରେ କାଳୀପୂଜା ଓ ଭସାଣୀ ଉତ୍ସବ ସମ୍ପନ୍ନ





- ଡିଜେ ମୁକ୍ତ ଶୋଭାଯାତ୍ରାରେ ଦୁଲୁକିଲା ସହର
- ମହାବୀର ଛକରେ ଓଡ଼ିଆ ଭାଷା ଓ ବର୍ଣ୍ଣବୋଧର ନିଆରା ଝଲକ
- ନହକାରେ ଦୁବାଇ ଟାୱାର ଆକର୍ଷଣ
- ବୈତରଣୀ ଦେବୀଗଡ଼ା ଘାଟର କୃତ୍ରିମ ପୋଖରୀରେ ବିସର୍ଜନ
- ସିଂହପୁର କାଳୀପୂଜାକୁ ପୂରିଲା ୭୦ ବର୍ଷ

ଯାଜପୁର, ୨୧/୧୧ (ଜେଏନ୍‌ଏସ୍) : ଯାଜପୁର ଜିଲ୍ଲାର ଗଣପର୍ବ ଶ୍ରୀଶ୍ରୀ ଶ୍ୟାମାକାଳୀ ପୂଜା, ଲକ୍ଷ୍ମୀନାରାୟଣ ପୂଜା ଏବଂ ଐତିହାସିକ ଭସାଣ ଉତ୍ସବ ଯାଜପୁର ସଦର ଓ ବ୍ୟାସନଗରଠାରେ ମହାସମାରୋହରେ ସମ୍ପନ୍ନ ହୋଇଛି । ଦଶ ଦିନ ଧରି ଚାଲିଥିବା ଏହି ଉତ୍ସବରେ ଆଧ୍ୟାତ୍ମିକ ପରିବେଶ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଆକର୍ଷଣୀୟ ସାଜସଜ୍ଜା ଜିଲ୍ଲାବାସୀଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ଯାଜପୁର ସଦରର ୪୪ଟି ପୂଜା ମଣ୍ଡପରେ ମା' କାଳୀ ପୂଜା ପାଇଥିଲେ । ବିରଜା ହାଟ, କିଆନାଳୀ, କଲେଜ ଛକ, କଚେରୀ ଛକ ଓ ହାବେଳି ବଜାର ଆଦି ମଣ୍ଡପରେ ନେତା, ପ୍ରଶାସନିକ ଅଧିକାରୀ ଓ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା । ବିଶେଷକରି ମହାବୀର ଛକ ପୂଜା ମଣ୍ଡପରେ ଓଡ଼ିଆ ଭାଷାର ମହତ୍ତ୍ୱ, ବର୍ଣ୍ଣବୋଧ ଓ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇ ନୂଆପିଢ଼ିଙ୍କୁ ଭାଷା-ସଂସ୍କୃତି ସହ ଯୋଡ଼ିବାର ନିଆରା ପ୍ରୟାସ କରାଯାଇଥିଲା । ସେହିପରି ପିଲାମାନଙ୍କ ମନୋରଞ୍ଜନ ପାଇଁ ଛୋଟା ଭୀମ୍, ରାଜୁ ଓ ଚୁଟକି ଆଦି କାର୍ଟୁନ୍ ଚରିତ୍ରର ସାଜସଜ୍ଜା ମୁଖ୍ୟ ଆକର୍ଷଣ ସାଜିଥିଲା ।

ଭସାଣ ଉତ୍ସବରେ ପ୍ରଥମ ଦିନ ୧୯ଟି ଓ ଦ୍ୱିତୀୟ ଦିନ ୧୭ଟି ମେଢ଼ ମେଲାଣି ନେଇଥିଲେ । ଘଣ୍ଟଘଣ୍ଟା, ସିଂଘବାଜା, ଅଘୋରୀ ନୃତ୍ୟ, ଗରିଲା କାର୍ଟୁନ ଓ ରାଜ୍ୟ ବାହାରର ଲୋକକଳା ସହ ପାରମ୍ପରିକ ବାଦ୍ୟର ତାଳେ ତାଳେ ମେଢ଼ଗୁଡ଼ିକ ବୈତରଣୀ ନଦୀର ଦେବୀଗଡ଼ା ଘାଟକୁ ଯାଇଥିଲା । ପ୍ରଶାସନ ପକ୍ଷରୁ ନିର୍ମିତ କୃତ୍ରିମ ପୋଖରୀରେ ସମସ୍ତ ମେଢ଼ ବିସର୍ଜନ କରାଯାଇଥିଲା । ଚଳିତବର୍ଷ ଡିଜେ ମୁକ୍ତ ଭସାଣ ଆୟୋଜନ କରିଥିବାରୁ ଶାନ୍ତି କମିଟି ପକ୍ଷରୁ ସମସ୍ତ ପୂଜା କମିଟିକୁ ଧନ୍ୟବାଦ ଜଣାଯାଇଛି । ଅନ୍ୟପଟେ ବେନାର ରେଳବାଇ ୫୯ ବର୍ଷ, ଧବଳଗିରି ୫୬ ବର୍ଷ ଓ ଚୋରଦା ପୂଜା କମିଟି ୫୨ ବର୍ଷରେ ପଦାର୍ପଣ କରିଛି । ଚୋରଦାର ଚାନ୍ଦି ତୋରଣ ଓ ହଂସଯୁଗଳ ଜଳକ୍ରୀଡ଼ା, ନହକା ବାଏପାସର ଦୁବାଇ ଟାୱାର, ଝାଟିଆସାହିର ଭୂତମହଲ, କୋପଣ୍ଡର ଲାଇଟ୍ ସୋ ଓ ମୀନାବଜାର, ନଟପଡ଼ା ଷ୍ଟିଲ୍ ସିଟିର ଦେବୀମୂର୍ତ୍ତି, ଚାନ୍ଦମା ଥାନାଛକ ଓ ରାଧାନାଥ ରଥ ମାର୍ଗର ଏଲଇଡି ଷ୍ଟେକ୍ ସହ ଆର୍ଯ୍ୟନ୍ତ କ୍ଲବ୍, ଗୋପବନ୍ଧୁନଗର, ବ୍ୟାଙ୍କଷ୍ଟ୍ରିଟ୍, ଦଳାଛକ, କୋର୍ଟ ଛକ, ଷ୍ଟାଡିୟମ୍ ରୋଡ୍ ଓ ସତ୍ୟନଗର ପୂଜା କମିଟିର ସାଜସଜ୍ଜା ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରିଥିଲା । ଶେଷରେ ସମସ୍ତ ମେଢ଼ ପଟୁଆରରେ ବାହାରି ଚୋରଦା କାଳୀମେଳଣ ପଡ଼ିଆରେ ଏକତ୍ରିତ ହେବା ପରେ ବିସର୍ଜନ କରାଯାଇଥିଲା ।

ବାତ୍ୟା 'ଅକଭାନ୍' ମୁକାବିଲା ପାଇଁ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ହାଇଆଲର୍ଟ

- ୩୬୦ ଗର୍ଭବତୀ ଚିହ୍ନଟ, ୨ ଦିନ ସ୍କୁଲ ଛୁଟି
- ତଳିଆ ଓ ବିପଦସଙ୍କୁଳ ଅଞ୍ଚଳରୁ ଲୋକଙ୍କୁ ଅପରାହ୍ନ ୪ଟା ସୁଦ୍ଧା ସ୍ଥାନାନ୍ତର ନିର୍ଦ୍ଦେଶ
- ଆଶ୍ରୟସ୍ଥଳୀରେ ଶୁଖିଲା ଖାଦ୍ୟ, ରାତ୍ରି ଭୋଜନ, ପାନୀୟ ଜଳ ଓ ଆଲୋକ ବ୍ୟବସ୍ଥା

ଖୋର୍ଦ୍ଧା, ୨୧/୧୧ (ଜେଏନ୍‌ଏସ୍) : ବଙ୍ଗୋପସାଗରରେ ସୃଷ୍ଟି ଲଘୁଚାପ ଘନୀଭୂତ ହୋଇ ସମ୍ଭାବ୍ୟ ଭୀଷଣ ସାମୁଦ୍ରିକ ଝଡ଼ 'ଅକଭାନ୍'ର ରୂପ ନେଉଥିବାରୁ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି । ପ୍ରବଳରୁ ଅତି ପ୍ରବଳ ବର୍ଷା ଓ ବାତ୍ୟା ଆଶଙ୍କାକୁ ଦୃଷ୍ଟିରେ ରଖି ଜିଲ୍ଲାରେ ଧନଜୀବନ ସୁରକ୍ଷା ଏବଂ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଜିଲ୍ଲାପାଳ ଅମ୍ରିତ ରତୁରାଜଙ୍କ ଅଧ୍ୟକ୍ଷତାରେ ବୁଧବାର ଅପରାହ୍ନରେ ଏକ ଜରୁରୀ ଆଭାସୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସମସ୍ତ ବିଭାଗର ପ୍ରାକ୍ ପ୍ରସ୍ତୁତି ସମୀକ୍ଷା କରି ଗୁରୁବାର ସକାଳ ୯ଟା ସୁଦ୍ଧା ସମସ୍ତ ବ୍ୟବସ୍ଥା ତୃଟାନ୍ତ କରି ରିପୋର୍ଟ ଦେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ବିଶେଷକରି ଚିଲିକା, ବାଲିଅନ୍ତା, ବାଣପୁର ସମେତ ବନ୍ୟା ଓ ବାତ୍ୟା ପ୍ରବଣ ଅଞ୍ଚଳର ବିପଦସଙ୍କୁଳ ଲୋକଙ୍କୁ ଗୁରୁବାର ଅପରାହ୍ନ ୪ଟା ସୁଦ୍ଧା ସୁରକ୍ଷିତ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରିବାକୁ କୁହାଯାଇଛି । ଆଶ୍ରୟସ୍ଥଳୀଗୁଡ଼ିକରେ ପାନୀୟ ଜଳ, ଆଲୋକ, ଶୌଚାଳୟ ସହ ଆବଶ୍ୟକସ୍ଥଳେ ଶୁଖିଲା ଖାଦ୍ୟ ଓ ରାତ୍ରିଭୋଜନ ଯୋଗାଣ ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ସମ୍ଭାବ୍ୟ ବାତ୍ୟା ଓ ବର୍ଷାକୁ ଦୃଷ୍ଟିରେ ରଖି ଜିଲ୍ଲାର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ସମେତ ସରକାରୀ, ଅର୍ଦ୍ଧସରକାରୀ ଓ ବେସରକାରୀ ବିଦ୍ୟାଳୟଗୁଡ଼ିକୁ ଆସନ୍ତା ଦୁଇଦିନ ପାଇଁ ଛୁଟି ଘୋଷଣା କରାଯାଇଛି । ବିଡିଓମାନଙ୍କୁ ମାଇକ୍ ଯୋଗେ ଲୋକଙ୍କୁ ସଚେତନ କରିବାକୁ କୁହାଯାଇଥିବା ବେଳେ ବାଣପୁର, ବାଲିଅନ୍ତା ଓ ଚିଲିକା ଅଞ୍ଚଳରେ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇବାକୁ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗକୁ ଦାୟିତ୍ୱ ଦିଆଯାଇଛି । ସ୍ୱାସ୍ଥ୍ୟସେବାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇ ଜିଲ୍ଲାରେ ଚିହ୍ନଟ ହୋଇଥିବା ୩୬୦ ଜଣ ଗର୍ଭବତୀ ମହିଳାଙ୍କ ସୁରକ୍ଷା ଓ ଚିକିତ୍ସା ଉପରେ ସ୍ୱତନ୍ତ୍ର ନଜର ରଖାଯାଇଛି । ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ପର୍ଯ୍ୟାପ୍ତ ଔଷଧ, ସାପ କାମୁଡ଼ା ପ୍ରତିଷେଧକ ଇଞ୍ଜେକ୍ସନ ଓ ଓଆରଏସ୍ ପ୍ୟାକେଟ୍ ମହଜୁଦ ରଖିବା ସହ ୧୦୮, ୧୦୨ ଏବଂ ଜନନୀ ସୁରକ୍ଷା ଯାନକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରଖିବାକୁ ସ୍ୱାସ୍ଥ୍ୟ ବିଭାଗକୁ କୁହାଯାଇଛି ।

ସେହିପରି ପ୍ରାଚୀ, ନିମାପଡ଼ା ଓ ଖୋର୍ଦ୍ଧା ଅଞ୍ଚଳରେ ବାଲିବସ୍ତା ଓ ବଲ୍ଲା ମହଜୁଦ ରଖି ନଦୀବନ୍ଧ ଉପରେ ତୀକ୍ଷ୍ଣ ନଜର ରଖିବାକୁ ଜଳସମ୍ପଦ ବିଭାଗକୁ ନିର୍ଦ୍ଦେଶ ରହିଛି । ସହରାଞ୍ଚଳରେ ଜଳ ନିଷ୍କାସନ, ବିଦ୍ୟୁତ୍ ମରାମତି, ଡିଜି ସେଟ୍ ଓ ପମ୍ପସେଟ୍ ପ୍ରସ୍ତୁତ ରଖିବା ସହ ବାଲୁଗାଁ ଅଞ୍ଚଳରେ ୩ଟୁ ୪ ଫୁଟ୍ ପାଣି ମଧ୍ୟରେ ରିଲିଫ୍ ବଣ୍ଟନ ପାଇଁ ଡଙ୍ଗା ପ୍ରସ୍ତୁତ ରଖିବାକୁ ବନଖଣ୍ଡ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

ଚୋରି ସନ୍ଦେହରେ ନିର୍ମମ ମାଡ଼, ଚାଲିଗଲା ଛୋଟ ପିଲାର ଜୀବନ

ଅଭିଯୁକ୍ତଙ୍କୁ ସର୍ବ ସମୁଖରେ ଫାସୀ ଦେବାକୁ ଦାବୀ

ନୀଳଗିରି, ୨୧/୧୧ (ଜେଏନ୍‌ଏସ୍) : ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ତେନ୍ତୁଳିଆ ପଞ୍ଚାୟତ ନୂଆସାହି ଗ୍ରାମରେ ଏକ ଅଭାବନୀୟ ଓ ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି । ଚୋରି ସନ୍ଦେହରେ ଜଣେ ନାବାଳକ ଛାତ୍ର ଙ୍କୁ ନିର୍ମମ ଭାବେ ପିଟିପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି । ମୃତ ଶିଶୁ ଜଣକ ସ୍ଥାନୀୟ ଅଞ୍ଚଳର ଦିନେଶ ବାଗସିଂ ବୋଲି ଜଣାପଡ଼ିଛି ।

ସୂଚନା ଅନୁଯାୟୀ, ଦିନେଶ ନିଜ ଜେଜେମା ଓ ଜେଜେବାପାଙ୍କ ପାଖରେ ରହୁଥିଲେ । ତାଙ୍କ ବାପା ଦାଦନ ଖଟିବାକୁ ତାମିଲନାଡୁ ଯାଇଥିବା ବେଳେ ପରିବାରର ଆର୍ଥିକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଥିଲା । ଅଭିଯୋଗ ମୁତାବକ, ଦିନେଶ ତେନ୍ତୁଳିଆ ବଜାର ସ୍ଥିତ ଏକ ତେଜରାତି ଦୋକାନକୁ ଯାଇଥିବା ବେଳେ ଚୋରି ସନ୍ଦେହରେ ଦୋକାନୀ ମାନସ ବେହେରା ଏବଂ ତାଙ୍କ ବାପା ସନ୍ତୋଷ ବେହେରା ତାଙ୍କୁ ଅକଥନୀୟ ମାଡ଼ ମାରିଥିଲେ । ମାଡ଼ ଖାଇବା ପରେ ଦିନେଶ ଘରକୁ ନ ଫେରିବାରୁ ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ । ପରବର୍ତ୍ତୀ ସମୟରେ ଦୋକାନ ପଛପଟେ ଥିବା ଏକ କୋଠାରୁ ତାଙ୍କର ମୃତଦେହ ଉଦ୍ଧାର କରାଯାଇଥିଲା । ଘଟଣାସ୍ଥଳରୁ ମିଳିଥିବା ପ୍ରମାଣ ଓ ସୂଚନା ଆଧାରରେ ସ୍ଥାନୀୟ ଲୋକେ ହତ୍ୟା ଅଭିଯୋଗ ଆଣି ଦୋକାନରେ ଭଙ୍ଗାରୁଜା କରିବା ସହ ବ୍ୟାପକ ଉତ୍ତେଜନା ପ୍ରକାଶ କରିଥିଲେ । ଲୋକେ ମୃତଦେହ ରଖି ଧାରଣା ଦେବା ସହ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ ।

ଖବର ପାଇ ବରହମପୁର ପୋଲିସ ଓ ନୀଳଗିରି ଏସଡିପିଓ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ । ପୋଲିସ ଅଭିଯୁକ୍ତ ମାନସ ବେହେରା ଓ ସନ୍ତୋଷ ବେହେରାଙ୍କୁ ଅଟକ ରଖିବା ପରେ ହତ୍ୟା ମାମଲା ରୁଜୁ କରି ଗିରଫ ଓ କୋର୍ଟ ଚାଲାଣ କରିଛି । ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳର ଯାଞ୍ଚ କରିବା ସହ ଦୋକାନର ସିସିଟିଭି ହାର୍ଡଡିସ୍କ ଜବତ କରି ତଦନ୍ତ ଜାରି ରଖିଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଥିବା ବେଳେ, ରେଡ୍ କ୍ରସ୍ ପାଣ୍ଡିରୁ ମୃତକଙ୍କ ପରିବାରକୁ ସହାୟତା ରାଶି ପ୍ରଦାନ କରାଯାଇଛି । ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି ।

ଅସହାୟ ବୃଦ୍ଧ ଦମ୍ପତିଙ୍କୁ ଥଇଥାନ କଲେ ସମାଜସେବୀ ଗୌତମ ମହାରଣା

ଖୋର୍ଦ୍ଧା, ୨୧/୧୧ (ଜେଏନ୍‌ଏସ୍) : ବୃଦ୍ଧାବସ୍ଥାରେ ଆଶ୍ରୟ ଓ ସାହାରା ଖୋଜୁଥିବା ଦୁଇଟି ଜୀବନ ପାଇଁ ଆଗେଇ ଆସିଲା ସମାଜସେବାର ହାତ । ଯାଜପୁର ଜିଲାର ମିର୍ଜାପୁର ଗ୍ରାମର ୧ ନମ୍ବର ୱାର୍ଡରେ ଅସହାୟାବସ୍ଥାରେ ରହୁଥିବା ବୃଦ୍ଧ ସୁରେନ୍ଦ୍ର ରାମ ଓ ତାଙ୍କ ପତ୍ନୀ ସରସ୍ୱତୀ ରାମଙ୍କୁ ଉଦ୍ଧାର କରାଯାଇ ଆଶ୍ରୟ ପ୍ରଦାନ କରାଯାଇଛି । ବାପା ମାଆ ସେବାଶ୍ରମ, ସମ୍ପର୍କ ହୃଦୟର ଆଶାର ଆଲୋକ ଓ ଲିଲି ଫାଉଣ୍ଡେସନର ମିଳିତ ପ୍ରୟାସରେ ଏହି ଉଦ୍ଧାର କାର୍ଯ୍ୟ ସମ୍ପନ୍ନ ହୋଇଛି । ବୃଦ୍ଧ ଦମ୍ପତିଙ୍କୁ ସେମାନଙ୍କ ଅବସ୍ଥାରୁ ଉଦ୍ଧାର କରି ବାପା ମାଆ ସେବାଶ୍ରମକୁ ନିଆଯାଇଛି । ସେଠାରେ ସେମାନଙ୍କୁ ଆଶ୍ରୟ ଓ ଯତ୍ନ ଯୋଗାଇଦେବାର ବ୍ୟବସ୍ଥା କରାଯାଇଛି । ଏହି ମାନବିକ ପଦକ୍ଷେପରେ ମିର୍ଜାପୁର ଗ୍ରାମବାସୀଙ୍କ ସହ ଗୌତମ ମହାରଣା, ଲିଲି ସ୍ୱାଇଁ, ରାଜକିଶୋର ଚାନ୍ଦ, ନରେନ୍ଦ୍ର ଜେନା, ନେତ୍ରାନନ୍ଦ ସ୍ୱାଇଁ ଓ ଜ୍ଞାନଜିତ୍ ପ୍ରଧାନ ସକ୍ରିୟ ସହଯୋଗ କରିଥିଲେ । କେବଳ ସହାୟତା ନୁହେଁ, ଅସହାୟ ମଣିଷଙ୍କୁ ସମ୍ମାନର ସହ ବଞ୍ଚିବାର ସୁଯୋଗ ଦେବା ହିଁ ପ୍ରକୃତ ସମାଜସେବା । ଏହି ମହତ୍ କାର୍ଯ୍ୟ ପାଇଁ ସଂଶ୍ଳୁକ୍ତ ସଂସ୍ଥା ଓ ସହଯୋଗୀମାନଙ୍କୁ ବୁଦ୍ଧିଜୀବୀ ମହଲରୁ ଭୂୟସୀ ପ୍ରଶଂସା କରାଯାଉଛି ।

ଦଲାଲ, ଅସାଧୁ ମୋହରିର ଓ କର୍ମଚାରୀଙ୍କ ମଧ୍ୟଚନ୍ଦ୍ରିକାରେ ଜମିକ୍ରେତା ଅତିଷ୍ଠ

ନିମାପଡ଼ା, ୨୧/୧୧ (ଜେଏନ୍‌ଏସ୍) : ନିମାପଡ଼ା ସବ-ରେଜିଷ୍ଟରଙ୍କ ଅଫିସ ପାଲିଛି ଦୁର୍ନିତିର ଗନ୍ତାଘର । ଉତକୋଚ ନଦେଲେ ଜମି କିଣା ବିକା ହୋଇପାରିବ ନାହିଁ ବୋଲି ରୋକଠକ ଟୁଣାଯାଉଛି । କିଛି ଜମି ଦଲାଲ, ମୋହରାର ଓ ରେଜିଷ୍ଟରଅଫିସ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁଁ ଜମି କ୍ରେତାମାନେ ଶୋଷଣର ଶିକାରହୋଇଥିବା ଅଭିଯୋଗ ହେଉଛି । ରାଜ୍ୟ ସରକାର ଦୁର୍ନିତି ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେଉଥିବାବେଳେ ନିମାପଡ଼ା ସବରେଜିଷ୍ଟରଙ୍କ ଅଫିସର ଓ କର୍ମଚାରୀଙ୍କ ମଧ୍ୟରେ ଚେତା ପଶୁ ନଥିବା ସେମାନଙ୍କ କାର୍ଯ୍ୟାକଳାପରୁ ଜଣାପଡୁଛି । ଜମିଦଲାଲମାନେ କିଣାବିକାର କାଗଜ ପ୍ରସ୍ତୁତ କରୁଥିବା କିଛି ଅସାଧୁବ୍ୟକ୍ତି ରେଜିଷ୍ଟ୍ରି ସମୟରେ ଅଫିସ ପାଉଣା ଛଇଣ୍ଡାଇ ଥାନ୍ତି । ଏହି ଅସାଧୁ କିଛି ବ୍ୟକ୍ତିଙ୍କ ମଧ୍ୟରେ ରେଜିଷ୍ଟ୍ରି ଅଫିସ ଏବଂ କ୍ରେତାଙ୍କ ମଧ୍ୟରେ ଦୁର୍ନିତିର ସେତୁଭାବେ କାମ କରିଥାନ୍ତି । ଅନୁସଂଧାନରୁ କରିବାରୁ ଜଣାପନେ ନିମାପଡ଼ା ଏନ.ଏସି ଅନ୍ତର୍ଗତ ପାଟପୁର ମୌଜାର ଜୈନିକ ଜମିର ମାଲିକଙ୍କ ମୃତ୍ୟୁ



ହୋଇଯାଇଛି । ତାଙ୍କ ସ୍ୱତ୍ୱକ୍ରିୟା ଏବଂ ଅନ୍ୟାନ୍ୟ ଖର୍ଚ୍ଚପାଇଁ ତାଙ୍କ ବିଧବା ପତ୍ନୀ ନିମାପଡ଼ା ଅଞ୍ଚଳର ଜୈନିକ ବ୍ୟକ୍ତିଠାରୁ ଲକ୍ଷାଧିକ ଟଙ୍କା ଆଣିଥିଲେ ଏବଂ ଚୁକ୍ତି କରିଥିଲେ ତାଙ୍କ ମାଲିକାନାରେ ଥିବା ୮ ଡ଼ିସିମିଲଜମିକୁ ତାଙ୍କୁ ହିଁ ବିକ୍ରି କରିଦେବେ । ସେହି ଅନୁସାରେ ଜିମର କ୍ରେତା କେତେ ଟଙ୍କା ମୂଲ୍ୟର କାଗଜପତ୍ର ଲାଗିବ ସବରେଜିଷ୍ଟ୍ରି ଅଫିସ ଯାଇ ବୁଝିଥିଲେ । ଅଫିସ ମଧ୍ୟସ୍ଥତା କରୁଥିବା ବ୍ୟକ୍ତିଙ୍କ ସହ ଦେଖାକର ବୋଲି ରେଜିଷ୍ଟ୍ରି ଅଫିସରୁ କ୍ରୋଙ୍କୁ ବୁଝାଇଦେଲେ । ମଧ୍ୟସ୍ଥତା କରୁଥିବା ବ୍ୟକ୍ତି ଜଣକ ୮ ଡ଼ିସିମିଲ ଜମିର ରେଜିଷ୍ଟ୍ରି ଖର୍ଚ୍ଚ ସହ ଅଧିକ ଏକ ଲକ୍ଷ ୪୦ ହଜାର ଟଙ୍କା ଅଧିକ ଲାଗିବ ବୋଲି କହିଥିଲେ । କ୍ରେତା ଜଣକ ଏକ ରାଜନୈତିକ ଦଳର ସମର୍ଥକ ବ୍ୟକ୍ତି । କିଏ ଏହି ଟଙ୍କାନେବ ବୋଲି ପଚାରିବାରୁ ଡ଼ିଲ ୫୦ହଜାର ଟଙ୍କା ଡ଼ିଲ ଛିଡ଼ିଥିଲା । ସେହି ଅନୁସାରେ ଆଜି ଉକ୍ତ ମୃତ ବ୍ୟକ୍ତିଙ୍କର ଜମି ରେଜିଷ୍ଟ୍ରହୋଇଥିବା ପ୍ରକାଶ । ମିଳିଥିବା ସୂଚନାରୁ ଜଣାଯାଏ ଚଳିତ ବର୍ଷ ନଭେମ୍ବର ମାସ ପର୍ଯ୍ୟନ୍ତ ୩ହଜାରରୁ ଉର୍ଦ୍ଧ୍ୱ ଜମିବାଡ଼ି ଖର୍ଦ୍ଦି ବିକ୍ରି ର ରେଜିଷ୍ଟ୍ରି ହୋଇଥିବା ଜଣାଯାଏ । ପ୍ରତିଦିନ ୫ରୁ ୭ ଟି ଜମି ରେଜିଷ୍ଟ୍ରି ହେଉଥିବା ପ୍ରକାଶ । ଦୁର୍ନିତି କରିବେ ନାହିଁ ବେନାହିଁ ବୋଲି ଦୁର୍ନିତି ନିବାରଣ ବିଭାଗ ଦ୍ୱାରା ପାଳିତ ସପ୍ତାହରେ ନିମାପଡ଼ା ରେଜିଷ୍ଟ୍ରି ଅଫିସର ଯୁବ ଅଦିକାରୀ ଓ କର୍ମଚାରୀମାନେ ଦୁର୍ନିତି କରିବେ ନାହିଁ ବେଶଳି ହାତ ଟେକି ଶପଥନେଇ ଥିଲେ ତାସତ୍ତ୍ୱେ ଅନୈତିକ ଉପାୟରେ ପ୍ରତିଦିନ ଲକ୍ଷାଧିକ ଟଙ୍କା କର୍ମଚାରୀ ମାନେଆୟ କରୁଛନ୍ତି । ନିମାପନା ରେଜିଷ୍ଟ୍ରାରଙ୍କ ସହ ଯୋଗା ଯୋଗ କରିବାରକୁ ଅନେକଥର ଚେଷ୍ଟାକରାଯାଇଥିଲେମଧ୍ୟ ସମ୍ଭବ ହେଲା ନାହିଁ । ଭିଜିଲାନସ ବିଭାଗ ଦ୍ୱାରା ତଦନ୍ତ ହେଷଳ ଏହି ଟଙ୍କା କାହା ପାଖକୁ ଯାଉଛି ଜଣାପଡ଼ିବ ବୋଲି ବୁଦ୍ଧିଜିବୀ ଏବଂ ଜମି କଣୁଥିବା ବ୍ୟକ୍ତିମାନେ ଦାବୀ କରିଛନ୍ତି ।

ନୟାଗଡ଼ରେ ଚୋରି ଘଟଣାର ପର୍ଦ୍ଦାଫାସ, ୪ ଗିରଫ

ନୟାଗଡ଼, ୨୧/୧୧ (ଜେଏନ୍‌ଏସ୍) : ନୟାଗଡ଼ ଜିଲ୍ଲାର ଇଟାମାଟି ଓ ସରଣକୁଳ ଥାନା ଅଞ୍ଚଳରେ



ଜନବାର୍ତ୍ତା
ସାଭିମାନୀ ଓଡ଼ିଆଙ୍କ ସର
(JANABARTTA SWABHIMANI ODIANKA SWARA)

ବିଶ୍ୱ ରାଜନୀତିରେ ନୂଆ ଇତିହାସ

ପ୍ରଥମ ଥର ପାଇଁ ଏକାଠି ହେଲେ ଟ୍ରମ୍ପ, ଜିନପିଙ୍ଗ ଓ ପୁଟିନ



▸▸ ଏପିଇସି ସମ୍ମିଳନୀ ଅବସରରେ ତ୍ରିପାକ୍ଷିକ ବୈଠକ

▸▸ ବିଶ୍ୱ ଶାନ୍ତି, ବାଣିଜ୍ୟ ଓ ନିରାପତ୍ତା ପ୍ରସଙ୍ଗରେ ହେଲା ଗୁରୁତ୍ୱପୂର୍ଣ୍ଣ ଆଲୋଚନା

ସେନଜେନ/ନୂଆଦିଲ୍ଲୀ, ୨୧/୧୧ : ଆନ୍ତର୍ଜାତୀୟ କୂଟନୀତି ଏବଂ ବିଶ୍ୱ ରାଜନୀତିରେ ଆଜି ଏକ ନୂଆ ଅଧ୍ୟାୟ ଯୋଡ଼ି ହୋଇଛି । ଚୀନର ସେନଜେନଠାରେ ଚାଲିଥିବା ଏସିଆ-ପ୍ରଶାନ୍ତ ମହାସାଗରୀୟ ଅର୍ଥନୈତିକ ସହଯୋଗ ଶିଖର ସମ୍ମିଳନୀ ଅବସରରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ଚୀନ ରାଷ୍ଟ୍ରପତି ସି ଜିନପିଙ୍ଗ ଏବଂ ଋଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ମଧ୍ୟରେ ଏକ ଐତିହାସିକ ତ୍ରିପାକ୍ଷିକ ବୈଠକ ଆରମ୍ଭ ହୋଇଛି । ବିଶ୍ୱର ତିନି ପ୍ରମୁଖ ଶକ୍ତିଶାଳୀ ରାଷ୍ଟ୍ରମୁଖ୍ୟ ପ୍ରଥମ ଥର ପାଇଁ ଗୋଟିଏ ମଞ୍ଚରେ ଏକାଠି ହୋଇ ଆଲୋଚନା କରିବା ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି ।

କୂଟନୈତିକ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ଉଚ୍ଚସ୍ତରୀୟ ବୈଠକରେ ବିଶ୍ୱରେ ବଢୁଥିବା ଭୂ-ରାଜନୈତିକ ଉତ୍ତେଜନା ହ୍ରାସ କରିବା ଉପରେ ପ୍ରାଥମିକତା ଦିଆଯାଉଛି । ବିଶେଷ କରି ୟୁକ୍ରେନ ଏବଂ ମଧ୍ୟପ୍ରାଚ୍ୟରେ ଚାଲିଥିବା ସଂଘର୍ଷର ଶାନ୍ତିପୂର୍ଣ୍ଣ ସମାଧାନ, ଆଣବିକ ନିରସ୍ତ୍ରୀକରଣ ଏବଂ ଆନ୍ତର୍ଜାତୀୟ ବାଣିଜ୍ୟ କ୍ଷେତ୍ରରେ ଦେଖାଦେଇଥିବା ଅଚଳାବସ୍ଥା ଦୂର କରିବା ନେଇ ତିନି ନେତାଙ୍କ ମଧ୍ୟରେ ବିସ୍ତୃତ ଭାବେ ମତ ବିନିମୟ ହୋଇଛି । ବିଶ୍ୱ ଅର୍ଥନୀତିରେ ସ୍ଥିରତା ଆଣିବା ପାଇଁ ପରସ୍ପର ମଧ୍ୟରେ ସହଯୋଗ ବଢ଼ାଇବା ଉପରେ ସେମାନେ ଗୁରୁତ୍ୱ ଦେଇଛନ୍ତି । ଗତ କିଛି ବର୍ଷ ଧରି ଆମେରିକା, ଚୀନ ଏବଂ ଋଷ ମଧ୍ୟରେ ତିକ୍ତତା ଚରମ ସୀମାରେ ପହଞ୍ଚିଥିବା ବେଳେ ଏହି ବୈଠକକୁ ଏକ ବଡ଼ କୂଟନୈତିକ ସଫଳତା ଭାବେ ଦେଖାଯାଉଛି । ଏହି ଆଲୋଚନାରୁ କ'ଣ ନିଷ୍କର୍ଷ ବାହାରୁଛି ଏବଂ ଏହା ଆଗାମୀ ଦିନରେ ବିଶ୍ୱ ଶାନ୍ତି ଓ ଅର୍ଥନୀତିକୁ କିଭଳି ପ୍ରଭାବିତ କରୁଛି, ତାହା ଉପରେ ଏବେ ସମଗ୍ର ବିଶ୍ୱର ନଜର ରହିଛି ।

ଭୋଟର ତାଲିକା ସଂଶୋଧନ ମାମଲା

ନଭେମ୍ବର ୩୦ ପୂର୍ବରୁ ନାମ ଯୋଡ଼ିବା ସୁଯୋଗର ଲାଭ ଉଠାଇବାକୁ ସୁପ୍ରିମକୋର୍ଟଙ୍କ ପରାମର୍ଶ



▸▸ ଆବଶ୍ୟକ ପଡ଼ିଲେ ଶେଷ ତାରିଖ ବଢ଼ାଇବା ନେଇ ବିଚାର କରିବେ ସର୍ବୋଚ୍ଚ ନ୍ୟାୟାଳୟ

▸▸ ନାମ ଯୋଡ଼ିବା, କାଟିବା ଓ ସଂଶୋଧନ ଆବେଦନର ସମ୍ପୂର୍ଣ୍ଣ ତଥ୍ୟ ମାଗିଲେ କୋର୍ଟ; ଡିସେମ୍ବର ୨ରେ ପରବର୍ତ୍ତୀ ସମୀକ୍ଷା

▸▸ ଭୋଟରଙ୍କ ନାମ କାଟିବା ପାଇଁ 'ଫର୍ମ-୭'ର ଜାଲିଆତି ଓ ଅପବ୍ୟବହାର ଅଭିଯୋଗର ଯାଞ୍ଚ କରିବାକୁ ନିର୍ବାଚନ ଆୟୋଗଙ୍କୁ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୨୧/୧୧ : ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ ପ୍ରକ୍ରିୟା ସମୟରେ ଯେଉଁ ଯୋଗ୍ୟ ଭୋଟରମାନଙ୍କ ନାମ ତାଲିକାରୁ ବାଦ୍ ପଡ଼ିଛି, ସେମାନେ ନଭେମ୍ବର ୩୦ ତାରିଖ ଶେଷ ତାରିଖ ପୂର୍ବରୁ ଭାରତୀୟ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଦିଆଯାଇଥିବା ପ୍ରତ୍ୟେକ ସୁଯୋଗର ଲାଭ ଉଠାନ୍ତୁ । ଗୁରୁବାର (୧୯ ନଭେମ୍ବର ୨୦୨୬) ଏହି ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ଭୋଟରମାନଙ୍କୁ ଏହି ପରାମର୍ଶ ଦେଇଛନ୍ତି ବୋଲି ରିପୋର୍ଟ କରିଛି ।

ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟ କାନ୍ତ, ଜଷ୍ଟିସ୍ ଜୟମାଲ୍ୟ ବାଗଚୀ ଏବଂ ଜଷ୍ଟିସ୍ ଭି. ମୋହନାଙ୍କୁ ନେଇ ଗଠିତ ତିନିଜଣିଆ ଖଣ୍ଡପୀଠ କହିଛନ୍ତି ଯେ, ଯେଉଁ ଭୋଟରମାନଙ୍କୁ ଭୁଲବଶତଃ 'ଅନୁପସ୍ଥିତ, ସ୍ଥାନାନ୍ତରିତ, ମୃତ କିମ୍ବା ଡୁପ୍ଲିକେଟ୍' ଶ୍ରେଣୀରେ ରଖି ତାଲିକାରୁ ବାଦ୍ ଦିଆଯାଇଛି, ସେମାନେ ପ୍ରଥମେ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଉପଲବ୍ଧ କରାଯାଇଥିବା ଫର୍ମ ପୂରଣ କରି ନିଜ ନାମ ପୁନଃ-ଅନ୍ତର୍ଭୁକ୍ତ କରିବାକୁ ଚେଷ୍ଟା କରିବା ଉଚିତ । ଭୋଟରମାନେ ଏହି ସୁଯୋଗର ବ୍ୟବହାର କଲେ ହିଁ ନିର୍ବାଚନ ଆୟୋଗଙ୍କ କାର୍ଯ୍ୟକାରିତାକୁ ଉତ୍ତରଦାୟୀ କରାଯାଇପାରିବ । ଆବଶ୍ୟକ ପଡ଼ିଲେ ନଭେମ୍ବର ୩୦ ଶେଷ ତାରିଖକୁ ବଢ଼ାଇବା ନେଇ କୋର୍ଟ ବିଚାର କରିବେ ବୋଲି ଖଣ୍ଡପୀଠ ସଙ୍କେତ ଦେଇଛନ୍ତି । ଏହି ସ୍ୱତନ୍ତ୍ର ପ୍ରକ୍ରିୟା ସମୟରେ ନାମ ଯୋଡ଼ିବା, ନାମ କାଟିବା ଏବଂ ସଂଶୋଧନ କରିବା ପାଇଁ କେତେ ଆବେଦନ ଗ୍ରହଣ କରାଯାଇଛି, ତାହାର ଏକ ସାରଣୀବଦ୍ଧ ରିପୋର୍ଟ ଦାଖଲ କରିବାକୁ ସୁପ୍ରିମକୋର୍ଟ ନିର୍ବାଚନ ଆୟୋଗଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଆସନ୍ତା ଡିସେମ୍ବର ୨ ତାରିଖରେ କୋର୍ଟ ଏହି ମାମଲାର ପରବର୍ତ୍ତୀ ସମୀକ୍ଷା କରିବେ ଏବଂ ତୃଣମୂଳ ସ୍ତରରେ ଭୋଟରମାନେ କେତେ ସହଜରେ ଫର୍ମ ପାଇପାରୁଛନ୍ତି, ତାହାର ଆକଳନ କଲା ପରେ ହିଁ ଜଣାପଡ଼ିବ । ସାମାଜିକ କର୍ମୀ ଅଞ୍ଜଳି ଭରଦ୍ୱାଜ ଏବଂ ଅମୃତା ଜୋହରାଙ୍କ ଦ୍ୱାରା ଦାୟର ଆବେଦନର ଶୁଣାଣି ସମୟରେ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ ଯୁକ୍ତି ବାଢ଼ିଥିଲେ ଯେ, କେବଳ ଦିଲ୍ଲୀରେ ପ୍ରାୟ ୪୭.୫୬ ଲକ୍ଷ ଭୋଟରଙ୍କ ନାମ ଚିଠା ତାଲିକାରୁ ବାଦ୍ ପଡ଼ିଛି ଏବଂ ନଭେମ୍ବର ୧୯ରୁ ଫର୍ମ ଡାଉନଲୋଡ୍ ଆରମ୍ଭ ହୋଇଥିବାରୁ ନଭେମ୍ବର ୩୦ ପର୍ଯ୍ୟନ୍ତ ମାତ୍ର ୧୨ ଦିନ ସମୟ ଯଥେଷ୍ଟ ନୁହେଁ । ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶରେ ସୁପ୍ରିମକୋର୍ଟ ଭୋଟର ତାଲିକାରୁ ନାମ କାଟିବା ପାଇଁ ବ୍ୟବହୃତ ହେଉଥିବା 'ଫର୍ମ-୭' ର ଜାଲିଆତି ଓ ବ୍ୟାପକ ଅପବ୍ୟବହାର ଅଭିଯୋଗର ଯାଞ୍ଚ କରିବାକୁ ନିର୍ବାଚନ ଆୟୋଗଙ୍କୁ କହିଛନ୍ତି । ଦିଲ୍ଲୀର ମୁସ୍ତାଫାବାଦ ନିର୍ବାଚନ ମଣ୍ଡଳୀ ସମେତ ବିଭିନ୍ନ ସ୍ଥାନରେ ଜୀବିତ ଓ ସ୍ଥାନୀୟ ଭୋଟରଙ୍କ ନାମ କାଟିବା ପାଇଁ ନକଲି ଫର୍ମ-୭ ଦାଖଲ ହୋଇଥିବା ଅଭିଯୋଗ ହୋଇଥିଲା, ଯାହାର ଉପଯୁକ୍ତ ତଦନ୍ତ କରି ପ୍ରତିକାରମୂଳକ ପଦକ୍ଷେପ ନେବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି ବୋଲି ରିପୋର୍ଟ ପ୍ରକାଶ ପାଇଛି ।

ଜାମ୍ମୁ-କାଶ୍ମୀରରେ ସୁରକ୍ଷା ବାହିନୀକୁ ବଡ଼ ସଫଳତା

ଏନକାଉଣ୍ଟରରେ ଟଳିଲା ଲସ୍କର-ଏ-ତୋଇବାର ଆତଙ୍କବାଦୀ ଲତିଫ୍ ଭଟ୍ଟ



- କୁଲଗାମର ଜଙ୍ଗଲପୋରା ଠାରେ ୮ ଦିନର ଅପରେସନ୍ ପରେ ନିହତ
- ମୁଣ୍ଡ ଉପରେ ଥିଲା ୧୫ ଲକ୍ଷ ଟଙ୍କାର ପୁରସ୍କାର
- ଆତ୍ମସମର୍ପଣ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରି ଖସିଯିବାକୁ ଉଦ୍ୟମ ବେଳେ ସୁରକ୍ଷାକର୍ମୀଙ୍କ ଗୁଳିରେ ମୃତ

ଶ୍ରୀନଗର, ୨୧/୧୧ : ଜାମ୍ମୁ-କାଶ୍ମୀରର କୁଲଗାମ ଜିଲ୍ଲାରେ ସୁରକ୍ଷା ବାହିନୀକୁ ଏକ ଐତିହାସିକ ସଫଳତା ମିଳିଛି । ବୁଧବାର କୁଲଗାମର ଜଙ୍ଗଲପୋରା ଅଞ୍ଚଳରେ ହୋଇଥିବା ଏକ ଭୀଷଣ ଏନକାଉଣ୍ଟରରେ ଆତଙ୍କବାଦୀ ସଂଗଠନ ଲସ୍କର-ଏ-ତୋଇବାର ଶୀର୍ଷ କମାଣ୍ଡର ତଥା ଉପତ୍ୟକାର ଶେଷ ସକ୍ରିୟ ସ୍ଥାନୀୟ ଆତଙ୍କବାଦୀ ମହମ୍ମଦ ଲତିଫ୍ ଭଟ୍ଟ (୨୨) ନିହତ ହୋଇଛି । ତା' ମୁଣ୍ଡ ଉପରେ ଜାମ୍ମୁ-କାଶ୍ମୀର ପୋଲିସ ପକ୍ଷରୁ ୧୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା ।

ସୂଚନା ଅନୁଯାୟୀ, ଗତ ନଭେମ୍ବର ୧୧ ତାରିଖରେ କୁଲଗାମର ଅଖରନ୍ ଅଞ୍ଚଳରେ ସିଆରପିଏଫ୍ ଯବାନଙ୍କ ଉପରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡ ଥିଲା ଲତିଫ୍ ଭଟ୍ଟ । ଏହି ଆକ୍ରମଣରେ ୩ ଜଣ ଯବାନ ଆହତ ହୋଇଥିଲେ । ସେବେଠାରୁ ଭାରତୀୟ ସେନା, ଜାମ୍ମୁ-କାଶ୍ମୀର ପୋଲିସ ଏବଂ ସିଆରପିଏଫ୍ ପକ୍ଷରୁ ସମଗ୍ର ଦକ୍ଷିଣ କାଶ୍ମୀରରେ ତଲାସୀ ଅଭିଯାନ ଜୋରଦାର କରାଯାଇଥିଲା । ୮ ଦିନର ନିରନ୍ତର ଅପରେସନ୍ ପରେ ବୁଧବାର ଭୋର ପ୍ରାୟ ୩ଟା ସମୟରେ ଲତିଫ୍ ଜଙ୍ଗଲପୋରାସ୍ଥିତ ଏକ ମସଜିଦ୍ ଭିତରେ ଲୁଚି ରହିଥିବା ନେଇ ସୁରକ୍ଷା ବାହିନୀକୁ ସୂଚନା ମିଳିଥିଲା । ସୁରକ୍ଷାକର୍ମୀମାନେ ସମ୍ପୂର୍ଣ୍ଣ ଅଞ୍ଚଳକୁ ଘେରାବନ୍ଦୀ କରି ତାକୁ ଆତ୍ମସମର୍ପଣ କରିବାକୁ ବାରମ୍ବାର ସୁଯୋଗ ଦେଇଥିଲେ । ମାତ୍ର ଲତିଫ୍ ଆତ୍ମସମର୍ପଣ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରି ମସଜିଦରୁ ପ୍ରାୟ ୫୦ ମିଟର ଦୂରକୁ ଦୌଡ଼ି ଖସିଯିବାକୁ ଉଦ୍ୟମ କରିଥିଲା । ଏହି ସମୟରେ ସୁରକ୍ଷା ବାହିନୀର ପାଲଟା ଗୁଳିଚାଳନାରେ ସେ ଘଟଣାସ୍ଥଳରେ ହିଁ ନିହତ ହୋଇଥିଲା । ଏହା ପୂର୍ବରୁ ସୋମବାର ଦିନ କୁଲଗାମର ଲାରୁ ଅଞ୍ଚଳରେ ହୋଇଥିବା ଅନ୍ୟ ଏକ ଏନକାଉଣ୍ଟରରେ ଲତିଫ୍‌ର ସହଯୋଗୀ ଉମର ନିସାର ଦାର ମଧ୍ୟ ନିହତ ହୋଇଥିଲା । କୁଲଗାମର ଖ୍ରେୱାନ୍ ଅଞ୍ଚଳର ବାସିନ୍ଦା ଲତିଫ୍ ଭଟ୍ଟ କଲେଜ ପାଠପଢ଼ା ଅଧାରୁ ଛାଡ଼ି ବଢ଼େଇ କାମ କରୁଥିଲା । ୨୦୨୫ ମସିହାରେ ସେ ପାକିସ୍ତାନସ୍ଥିତ ହ୍ୟାଣ୍ଡଲରମାନଙ୍କ ପ୍ରରୋଚନାରେ ଲସ୍କର-ଏ-ତୋଇବାରେ ଯୋଗ ଦେଇଥିଲା । ନଭେମ୍ବର ୧୧ର ସିଆରପିଏଫ୍ ଆକ୍ରମଣ ବ୍ୟତୀତ, ଗତ ଜୁଲାଇ ମାସରେ ଅନନ୍ତନାଗରେ ଜଣେ ପୋଲିସ କନଷ୍ଟେବଳଙ୍କ ହତ୍ୟା ଏବଂ କୁଲଗାମରେ ଦୁଇ ଜଣ ପ୍ରବାସୀ ଶ୍ରମିକଙ୍କ ହତ୍ୟା ଘଟଣାରେ ମଧ୍ୟ ସେ ସାମିଲ ଥିଲା । ଏହି ସଫଳତା ପାଇଁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ସୁରକ୍ଷା ଏଜେନ୍ସିଗୁଡ଼ିକୁ ପ୍ରଶଂସା କରିଛନ୍ତି । ସେ କହିଛନ୍ତି ଯେ ପୋଲିସ, ସେନା, ସିଆରପିଏଫ୍ ଏବଂ ଗୁଇନ୍ଦା ବିଭାଗର ଉତ୍ତମ ସମନ୍ୱୟ ଯୋଗୁଁ ଉପତ୍ୟକାର ଶେଷ ସକ୍ରିୟ ସ୍ଥାନୀୟ ଆତଙ୍କବାଦୀକୁ ନିପାତ କରାଯାଇପାରିଛି । ଅନ୍ୟପକ୍ଷରେ ଜାମ୍ମୁ-କାଶ୍ମୀର ଡିଜିପି ନଳିନ ପ୍ରଭାତ ସୂଚନା ଦେଇଛନ୍ତି ଯେ ଗତ ଦୁଇ ବର୍ଷ ମଧ୍ୟରେ ଉପତ୍ୟକାରେ ସ୍ଥାନୀୟ ଯୁବକଙ୍କ ଆତଙ୍କବାଦୀ ସଂଗଠନରେ ଯୋଗଦାନ ପ୍ରାୟ ଶୂନକୁ ଖସି ଆସିଛି ।

ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ

ଜଳେଶ୍ୱର, ୨୧/୧୧ (ଜେଏନ୍‌ଏସ୍) : ସକାଳ ୧୦.୦୦ ଘଟିକା ସମୟରେ ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଜଳେଶ୍ୱର ପଞ୍ଚାୟତ ସମିତି ଅଧୀନସ୍ଥ ବିଭିନ୍ନ ଗ୍ରାମ ପଞ୍ଚାୟତରୁ ୧୪୨ ଜଣ ଅଭିଯୋଗକାରୀ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ । ସେଥି ମଧ୍ୟରୁ ୧୩୪ ଗୋଟି ବ୍ୟକ୍ତିଗତ ଓ ୮ ଗୋଟି ସାମୁହିକ ଅଭିଯୋଗ ସମ୍ପର୍କିତ ଅଟେ ଓ ଏହି ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମରେ ୮ ଗୋଟି ଅଭିଯୋଗର ତତକାଳ ସମାଧାନ କରାଯାଇଥିଲା ।

ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀଯୁକ୍ତ ତପନ କୁମାର ଖୁଣ୍ଟିଆ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ହେମନ୍ତ କୁମାର ସିଂହ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରିଣୀ ଡ. ମଧୁସ୍ମିତା ସାମନ୍ତରାୟ, ଭାରପ୍ରାପ୍ତ ବିଡିଓ, ଜଳେଶ୍ୱର ଶ୍ରୀଯୁକ୍ତ ସୁଧୀର କୁମାର ସାହୁ, ଜଳେଶ୍ୱର ତହସିଲଦାର ଶ୍ରୀଯୁକ୍ତ ସତ୍ୟଜିତ ମହାନ୍ତିଙ୍କ ସହିତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

ଦିଲ୍ଲୀ ପ୍ରଦୂଷଣରେ ସାମାନ୍ୟ ସୁଧାର




- ହଟିଲା GRAP-୩ କଟକଣା, ଜନସାଧାରଣଙ୍କୁ ବଡ଼ ଆଶ୍ୱସ୍ତି
- ନିର୍ମାଣ କାର୍ଯ୍ୟ ଓ ଯାନବାହନ ଚଳାଚଳ ଉପରୁ କୋହଳ ହେଲା କଟକଣା

ନୂଆଦିଲ୍ଲୀ, ୨୧/୧୧ : ଦୀର୍ଘ ଦିନ ଧରି ବିଷାକ୍ତ ବାୟୁମଣ୍ଡଳ ଓ ଘନ କୁହୁଡ଼ିରେ ଅଣନିଶ୍ୱାସୀ ହୋଇପଡ଼ିଥିବା ଦିଲ୍ଲୀ-ଏନସିଆର ବାସୀଙ୍କ ପାଇଁ ଆଶ୍ୱସ୍ତିକର ଖବର ଆସିଛି । ପବନର ବେଗ ବଢ଼ିବା ସହ ବାୟୁ ଗୁଣବତ୍ତା ସୂଚକାଙ୍କ ରେ ସାମାନ୍ୟ ସୁଧାର ଆସିବା ପରେ ସମଗ୍ର ଦିଲ୍ଲୀ-ଏନସିଆର ଅଞ୍ଚଳରୁ ଗ୍ରେଡେଡ୍ ରେସପନ୍ସ ଆକ୍ସନ ପ୍ଲାନ୍‌ର ତୃତୀୟ ପର୍ଯ୍ୟାୟ ବା ଏଜଇଚ-୩ କଟକଣାକୁ ତୁରନ୍ତ ପ୍ରତ୍ୟାହାର କରି ନିଆଯାଇଛି । ବାୟୁ ଗୁଣବତ୍ତା ପରିଚାଳନା ଆୟୋଗ ପକ୍ଷରୁ ସମୀକ୍ଷା ବୈଠକ ପରେ ଏହି ନିଷ୍ପତ୍ତି ନିଆଯାଇଛି । ନିର୍ମାଣ କାର୍ଯ୍ୟ ଓ ଯାନବାହନ ଚଳାଚଳ ସ୍ୱାଭାବିକ ଏଜଇଚ-୩ କଟକଣା ହଟିବା ଫଳରେ ସାଧାରଣ ଜନତା ଏବଂ ଶ୍ରମିକ ଶ୍ରେଣୀର ଲୋକମାନେ ବିଶେଷ ଭାବେ ଉପକୃତ ହେବେ । ଗତ କିଛି ଦିନ ଧରି ବନ୍ଦ ରହିଥିବା ସମସ୍ତ ପ୍ରକାର ଘରୋଇ ଓ ସରକାରୀ ନିର୍ମାଣ କାର୍ଯ୍ୟ ତଥା ଭଙ୍ଗାରୁଜା କାର୍ଯ୍ୟକୁ ପୁଣିଥରେ ଆରମ୍ଭ କରିବା ପାଇଁ ଅନୁମତି ମିଳିଛି । ଏହା ସହିତ ବିଏସ୍-୩ ପେଟ୍ରୋଲ ଏବଂ ବିଏସ୍-୪ ଡିଜେଲ ଚାଳିତ ହାଲୁକା ଯାନବାହନ ଚଳାଚଳ ଉପରେ ଲାଗିଥିବା କଟକଣାକୁ ମଧ୍ୟ ହଟାଇ ଦିଆଯାଇଛି । ବାୟୁ ପ୍ରଦୂଷଣରେ ସାମାନ୍ୟ ସୁଧାର ଆସିଥିଲେ ମଧ୍ୟ ସ୍ଥିତି ସମ୍ପୂର୍ଣ୍ଣ ବିପଦମୁକ୍ତ ହୋଇନାହିଁ । ତେଣୁ ପ୍ରଦୂଷଣକୁ ନିୟନ୍ତ୍ରଣରେ ରଖିବା ପାଇଁ ଏଜଇଚ-୧ ଏବଂ ଏଜଇଚ-୨ ଅନ୍ତର୍ଗତ କଟକଣାଗୁଡ଼ିକ ପୂର୍ବଭଳି ବଳବତ୍ତର ରହିବ ବୋଲି ଆୟୋଗ ପକ୍ଷରୁ ସ୍ପଷ୍ଟ କରାଯାଇଛି । ରାସ୍ତାରେ ନିୟମିତ ପାଣି ସିଞ୍ଚନ, ଧୂଳି ନିୟନ୍ତ୍ରଣ ଏବଂ ଅଳିଆ ଆବର୍ଜନା ପୋଡ଼ିବା ଉପରେ କଡ଼ା ନଜର ରଖାଯିବ । ପରିସ୍ଥିତି ପୁଣି ଖରାପ ହେଲେ କଟକଣାକୁ ପୁନର୍ବାର ଲାଗୁ କରାଯାଇପାରେ ବୋଲି ପ୍ରଶାସନ ପକ୍ଷରୁ ସତର୍କ କରାଇ ଦିଆଯାଇଛି ।

ଝୁପିରେ ପୋଲିସର ବଡ଼ ଆକ୍ସନ୍

ଏନକାଉଣ୍ଟରରେ ନିହତ କୁଖ୍ୟାତ ଗ୍ୟାଙ୍ଗଷ୍ଟର ନସିମ ଦୁରାନୀ



ନୂଆଦିଲ୍ଲୀ / ବୁଲନ୍ଦସହର, ୨୧/୧୧ : ଉତ୍ତରପ୍ରଦେଶର ବୁଲନ୍ଦସହର ଜିଲ୍ଲାରେ ପୋଲିସ ଓ ଏସଟିଏଫ୍‌କୁ ଏକ ବଡ଼ ସଫଳତା ମିଳିଛି । ଦିଲ୍ଲୀ ପୋଲିସର କ୍ରାଇମବ୍ରାଞ୍ଚ ଏବଂ ନୋଏଡା ଏସଟିଏଫ୍‌ର ମିଳିତ ଅପରେସନ ସମୟରେ ହୋଇଥିବା ଏନକାଉଣ୍ଟରରେ କୁଖ୍ୟାତ ଗ୍ୟାଙ୍ଗଷ୍ଟର ନସିମ ଦୁରାନୀ (୩୭) ନିହତ ହୋଇଛି ବୋଲି ରିପୋର୍ଟ ଆସିଛି । ନସିମର ଅନ୍ତରଙ୍ଗ ଲୁର୍ଦ୍ଧ ଡନ୍ ଦାଉଦ ଇବ୍ରାହିମର 'ଡି-କମ୍ପାନୀ' ଏବଂ ଛୋଟା ସକିଲ ସହ ସିଧାସଳଖ ସମ୍ପର୍କ ଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି । ପୋଲିସ ସୂଚନା ଅନୁଯାୟୀ, ଗୁରୁବାର ବିଳମ୍ବିତ ରାତି ଓ ଶୁକ୍ରବାର ଭୋର୍ ସମୟରେ ବୁଲନ୍ଦସହରର ସିକନ୍ଦରା ବାଇପାସ୍ ନିକଟରେ ନସିମ ଦୁରାନୀ ସ୍କୁଟର ଯୋଗେ ଯାଉଥିବା ନେଇ ଗୁଇନ୍ଦା ସୂଚନା ମିଳିଥିଲା । ସିସିଟିଭି ଫୁଟେଜ୍ ଆଧାରରେ ଦିଲ୍ଲୀ ପୋଲିସ ଏବଂ ନୋଏଡା ଏସଟିଏଫ୍ ଟିମ୍ ତାକୁ ଘେରିବାକୁ ଚେଷ୍ଟା କରିଥିଲେ । ପୋଲିସକୁ ଦେଖି ଖସି ପଳାଇବାକୁ ଚେଷ୍ଟା କରୁଥିବା ବେଳେ ତା'ର ସ୍କୁଟର ଖସି ପଡ଼ିଥିଲା । ଏହାପରେ ନସିମ ପୋଲିସ ଉପରକୁ ଦୁଇଟି ପିସ୍ତଲରୁ ଆଖିବୁଜା ଗୁଳି ଚଳାଇଥିଲା । ଆତ୍ମରକ୍ଷା ପାଇଁ ପୋଲିସ ପକ୍ଷରୁ ପାଲଟା ଗୁଳିଚାଳନା କରାଯାଇଥିଲା, ଯେଉଁଥିରେ ଉଭୟ ପକ୍ଷରୁ ପ୍ରାୟ ୨୦ରୁ ୨୨ ରାଉଣ୍ଡ ଗୁଳି ଫୁଟିଥିଲା ବୋଲି ଓଭୟସବ ଅକ୍ଟୟବଜ ଉଲ୍ଲେଖ କରିଛି । ଗୁଳିମାଡ଼ରେ ନସିମ ଗୁରୁତର ଆହତ ହୋଇଥିଲା ଏବଂ ଡାକ୍ତରଖାନା ନେବା ପରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ । ଘଟଣାସ୍ଥଳରୁ ଦୁଇଟି .୩୨ ବୋର୍ ପିସ୍ତଲ ଜବତ ହୋଇଛି । ଗତ ନଭେମ୍ବର ୧୬ ତାରିଖରେ ଉତ୍ତର-ପୂର୍ବ ଦିଲ୍ଲୀର ସୋନିଆ ବିହାର ଅଞ୍ଚଳ ସ୍ଥିତ ଦିଲ୍ଲୀ ଆଇନ ମନ୍ତ୍ରୀ କପିଲ ମିଶ୍ରଙ୍କ କ୍ୟାମ୍ପ ଅଫିସ ବାହାରେ ସମୀର (୨୬) ନାମକ ଜଣେ ଯୁବକଙ୍କୁ ପ୍ରାୟ ୨୦ ରାଉଣ୍ଡ ଗୁଳିକରି ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା । ଏହି ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଥିଲା ନସିମ ଦୁରାନୀ । ତାକୁ ଧରିବା ପାଇଁ ଦିଲ୍ଲୀ ପୋଲିସ ପକ୍ଷରୁ ୫୦ ହଜାର ଟଙ୍କାର ପୁରସ୍କାର ମଧ୍ୟ ଘୋଷଣା କରାଯାଇଥିଲା ବୋଲି ଅଷ୍ଟର ଝଗ୍ଗବଗ୍ଗରଗ୍ଗଞ୍ଜବଭ ପ୍ରକାଶ କରିଛି । ନସିମ ଦୁରାନୀ ନାଁରେ ହତ୍ୟା, ହତ୍ୟା ଉଦ୍ୟମ, ଲୁଟ୍ ଏବଂ ପୋଲିସ ଉପରକୁ ଆକ୍ରମଣ ଭଳି ୨୫ରୁ ଅଧିକ ସଙ୍ଗୀନ ମାମଲା ରହିଥିଲା । ପୋଲିସ ରେକର୍ଡ ଅନୁଯାୟୀ, ୨୦୧୬-୧୭ ମସିହାରେ ତିହାର ଜେଲରେ ବନ୍ଦୀ ଥିବା ଗ୍ୟାଙ

"ବିଦ୍ୟା ଅର୍ଜନ କଲେ ବଢ଼ଇ ସମ୍ମାନ,
ବିନୟ ଭାବ ରଖିଲେ ମିଳେ ମହାନ ଜ୍ଞାନ।
ଅହଂକାର ତେଜି ଯେବେ କର ପରୋପକାର,
ସମାଜରେ ରହିଯାଏ ତୁମରି ଜୟକାର।"

ଜନବାର୍ତ୍ତା
ସାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

ସମ୍ପାଦକୀୟ...

ବାତ୍ୟା 'ଅକଭାନ୍' ସ୍ଥାୟୀ ପ୍ରତିକାରର ଆହ୍ୱାନ

ଓଡ଼ିଶାର ଭୌଗୋଳିକ ଅବସ୍ଥିତି ଏପରି ଯେ ପ୍ରାକୃତିକ ବିପର୍ଯ୍ୟୟ, ବିଶେଷକରି ବାତ୍ୟା ଓ ବନ୍ୟା ରାଜ୍ୟବାସୀଙ୍କ ଚିରସହଚର ପାଲଟିଛି। ୧୯୫୯ ମହାବାତ୍ୟାଠାରୁ ଆରମ୍ଭ କରି ଫାଇଲିନ୍, ହୁଡୁହୁଡୁ, ଫନି, ଅମ୍ଫାନ, ୟାସ୍, ଦାନା ଏବଂ ସଦ୍ୟସମାପ୍ତ ବାତ୍ୟା 'ଆକଭାନ୍' ପର୍ଯ୍ୟନ୍ତ—ପ୍ରତ୍ୟେକଟି ବିପର୍ଯ୍ୟୟ ଓଡ଼ିଶାବାସୀଙ୍କ ଧୈର୍ଯ୍ୟ ଓ ସାହସର ପରୀକ୍ଷା ନେଇଛି। ଗୋପାଳପୁର ନିକଟରେ ସ୍ଥଳଭାଗ ଛୁଇଁଥିବା ବାତ୍ୟା 'ଆକଭାନ୍' ବର୍ତ୍ତମାନ ଦୁର୍ବଳ ହୋଇ ଅବପାତରେ ପରିଣତ ହୋଇଥିଲେ ହେଁ, ଏହା ପଛରେ ଛାଡ଼ିଯାଇଛି ଅନେକ ଅନୁଭୂତି, ପ୍ରଶାସନିକ ସଫଳତାର ଗାଥା ଏବଂ କୃଷକଙ୍କ ଅସରନ୍ତି ବେଦନା।

ବାତ୍ୟା 'ଆକଭାନ୍'ର ମୁକାବିଲା କ୍ଷେତ୍ରରେ ରାଜ୍ୟ ସରକାର ଏବଂ ପ୍ରଶାସନର ଆଗୁଆ ପ୍ରସ୍ତୁତି ଓ ତତ୍ପରତା ନିଶ୍ଚିତ ଭାବେ ପ୍ରଶଂସନୀୟ। ଭାରତୀୟ ପାଣିପାଗ ବିଭାଗର ସଠିକ୍ ପୂର୍ବାନୁମାନ ଆଧାରରେ ରାଜ୍ୟ ପ୍ରଶାସନ ଯେଉଁଭଳି ଭାବେ 'ଶୂନ୍ୟ ମୃତାହତ' ଲକ୍ଷ୍ୟ ନେଇ କାର୍ଯ୍ୟ କଲା, ତାହା ପୁଣିଥରେ ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା ମଡେଲକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରିଛି। ସମ୍ବେଦନଶୀଳ ଏବଂ ତଳିଆ ଅଞ୍ଚଳରୁ ଲକ୍ଷାଧିକ ଲୋକଙ୍କୁ ସୁରକ୍ଷିତ ଭାବେ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯିବା ଯୋଗୁଁ ବହୁ ମୂଲ୍ୟବାନ ଜୀବନ ରକ୍ଷା ପାଇପାରିଛି। ଏନ୍‌ଡିଆର୍‌ଏଫ୍ , ଓଡ୍ରାଫ୍ ଏବଂ ଅଗ୍ନିଶମ ବାହିନୀର ଯବାନମାନେ ରାତିଦିନ ଏକ କରି ଗଛ କାଟି ରାସ୍ତା ସଫା କରିବା ସହ ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଛନ୍ତି। ବିଶେଷକରି ଦକ୍ଷିଣ ଓଡ଼ିଶାର ବାତ୍ୟା ପ୍ରଭାବିତ ଅଞ୍ଚଳରେ ବିଦ୍ୟୁତ୍ ବିତରଣ ସଂସ୍ଥା ପକ୍ଷରୁ ମାତ୍ର ୬ ଘଣ୍ଟା ମଧ୍ୟରେ ପ୍ରାୟ ୯୯ ପ୍ରତିଶତ ଉପଭୋକ୍ତାଙ୍କୁ ପୁନର୍ବାର ବିଦ୍ୟୁତ୍ ସେବା ଯୋଗାଇ ଦିଆଯିବା ପ୍ରଶାସନିକ ଦକ୍ଷତା ଏବଂ ଉନ୍ନତ ଭିତ୍ତିଭୂମିର ଏକ ଉଜ୍ଜ୍ୱଳ ଉଦାହରଣ। ତେବେ ମୁଦ୍ରାର ଅପର ପାର୍ଶ୍ୱଟି ଅତ୍ୟନ୍ତ ଯନ୍ତ୍ରଣାଦାୟକ। ବାତ୍ୟାର ପବନ ସିନା ବିଶେଷ କ୍ଷତି କରିପାରିଲା ନାହିଁ, କିନ୍ତୁ ବାତ୍ୟା ପରବର୍ତ୍ତୀ ଲଗାଣ ବର୍ଷା ରାଜ୍ୟର କୃଷି ଅର୍ଥନୀତିର ମେରୁଦଣ୍ଡ ଭାଙ୍ଗି ଦେଇଛି। ନଭେମ୍ବର ମାସ ହେଉଛି ଅମଳର ସମୟ। ଗଞ୍ଜାମ, ଗଜପତି, ଭଦ୍ରକ, ବାଲେଶ୍ୱର, କେନ୍ଦ୍ରାପଡ଼ା ଏବଂ ପୁରୀ ସମେତ ଉପକୂଳ ଓ ଦକ୍ଷିଣ ଓଡ଼ିଶାର ବିସ୍ତୀର୍ଣ୍ଣ ଅଞ୍ଚଳରେ ପାଚିଲା ଧାନ ଫସଲ କ୍ଷେତରେ ଲୋଟି ପଡ଼ିଛି। ଅନେକ ସ୍ଥାନରେ ଚାଷଜମି ଜଳମଗ୍ନ ହୋଇ ରହିଥିବାରୁ ଧାନ ଗଜା ହେବା ସହ ପଚିଯିବାର ଆଶଙ୍କା ସୃଷ୍ଟି ହୋଇଛି। କେବଳ ଧାନ ନୁହେଁ, ଶୀତଦିନିଆ ପନିପରିବା ଏବଂ ଡାଲିଜାତୀୟ ଫସଲ ମଧ୍ୟ ବ୍ୟାପକ ଭାବେ ନଷ୍ଟ ହୋଇଛି। ଧାରକରଜ କରି ଫସଲ ଅମଳ ଆଶାରେ ଥିବା ଚାଷୀ ଆଜି ମୁଣ୍ଡରେ ହାତ ଦେଇ ବସିଛି।

କେବଳ ସମବେଦନା ନୁହେଁ ତୁରନ୍ତ ସହାୟତା ଦରକାର

ଏଭଳି ସଙ୍କଟଜନକ ପରିସ୍ଥିତିରେ କେବଳ ଜୀବନ ବଞ୍ଚାଇବା ଯଥେଷ୍ଟ ନୁହେଁ, ବରଂ ପ୍ରଭାବିତ ଜନସାଧାରଣଙ୍କ ଜୀବିକାକୁ ସୁରକ୍ଷିତ ରଖିବା ସରକାରଙ୍କ ପ୍ରମୁଖ ଦାୟିତ୍ୱ ହେବା ଉଚିତ। ବିଧାନସଭା ଗୃହକୁ ମୁଲତବୀ ରଖି ବିଧାୟକମାନଙ୍କୁ ନିଜ ନିଜ ନିର୍ବାଚନ ମଣ୍ଡଳୀକୁ ଯାଇ ଲୋକଙ୍କ ସମସ୍ୟା ବୁଝିବା ପାଇଁ ବାଚସ୍ପତି ଯେଉଁ ପଦକ୍ଷେପ ନେଇଛନ୍ତି, ତାହା ସ୍ୱାଗତଯୋଗ୍ୟ। କିନ୍ତୁ କେବଳ ପରିଦର୍ଶନ କିମ୍ବା ସମବେଦନା ଚାଷୀର ପେଟ ପୂରାଇ ପାରିବ ନାହିଁ। ରାଜସ୍ୱ ଓ କୃଷି ବିଭାଗ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ କ୍ଷୟକ୍ଷତିର ନିରପେକ୍ଷ ଓ ସଠିକ୍ ଆକଳନ କରାଯିବା ଆବଶ୍ୟକ। ଅନେକ ସମୟରେ ପ୍ରକୃତ ଭାଗଚାଷୀ ସରକାରୀ ସହାୟତାରୁ ବଞ୍ଚିତ ହୋଇଥାନ୍ତି। ତେଣୁ ପ୍ରତ୍ୟେକ କ୍ଷତିଗ୍ରସ୍ତ ଚାଷୀ ଯେପରି ବିନା କୌଣସି ବାଧାବିଘ୍ନରେ ଇନପୁଟ୍ ସବସିଡି ଏବଂ ଫସଲ ବୀମା ରାଶି ପାଇପାରିବେ, ତାହା ସୁନିଶ୍ଚିତ କରିବାକୁ ହେବ। ଏହା ସହିତ କୃଷି ଋଣ ଛାଡ଼ କିମ୍ବା ସୁଧ ରିହାତି ଭଳି ପଦକ୍ଷେପ ଗ୍ରହଣ କରାଗଲେ ଚାଷୀଙ୍କୁ ଆଗାମୀ ରବି ଋତୁ ପାଇଁ ଅଣ୍ଟା ସଳଖି ଛିଡ଼ା ହେବାକୁ ବଳ ମିଳିବ। ବାତ୍ୟା 'ଆକଭାନ୍' ଆମକୁ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଛି ଯେ ଆମର ଭିତ୍ତିଭୂମି ବିକାଶକୁ ଆହୁରି ଦୀର୍ଘସ୍ଥାୟୀ ଏବଂ ବିପର୍ଯ୍ୟୟ ସହନଶୀଳ କରିବାକୁ ହେବ। ଉପକୂଳବର୍ତ୍ତୀ ଅଞ୍ଚଳରେ ଭୂତଳ ବିଦ୍ୟୁତ୍ କେବୁଲ୍ ବ୍ୟବସ୍ଥାର ସମ୍ପ୍ରସାରଣ, ପକ୍କା ଘର ନିର୍ମାଣ ଯୋଜନାକୁ ତ୍ୱରାନ୍ୱିତ କରିବା ଏବଂ ବାତ୍ୟା ଆଶ୍ରୟସ୍ଥଳୀଗୁଡ଼ିକର ନିୟମିତ ରକ୍ଷଣାବେକ୍ଷଣ ଉପରେ ଗୁରୁତ୍ୱ ଦେବା ଜରୁରୀ। ଏହାବ୍ୟତୀତ ଚାଷଜମିରୁ ବର୍ଷା ଜଳର ତୁରନ୍ତ ନିଷ୍କାସନ ପାଇଁ ଉପଯୁକ୍ତ ଡ୍ରେନେଜ୍ ବ୍ୟବସ୍ଥା ଏବଂ ନଦୀବନ୍ଧଗୁଡ଼ିକର ସୁଦୃଢ଼ୀକରଣ କରାଗଲେ ଫସଲ ହାନିକୁ ବହୁ ପରିମାଣରେ ରୋକାଯାଇପାରିବ। ପରିଶେଷରେ, ପ୍ରକୃତିର କୋପକୁ ଆମେ ରୋକି ପାରିବା ନାହିଁ, କିନ୍ତୁ ସଠିକ୍ ଯୋଜନା, ଦୂରଦୃଷ୍ଟି ଏବଂ ସାମୂହିକ ଇଚ ଶକ୍ତି ବଳରେ ଏହାର ପ୍ରଭାବକୁ ନିଶ୍ଚିତ ଭାବେ କମ୍ କରିପାରିବା। ବାତ୍ୟା 'ଆକଭାନ୍' ପରବର୍ତ୍ତୀ ପୁନର୍ଗଠନ ପ୍ରକ୍ରିୟାରେ ପ୍ରଶାସନ, ଜନପ୍ରତିନିଧି ଏବଂ ସାଧାରଣ ଜନତା ମିଳିତ ଭାବେ କାର୍ଯ୍ୟ କଲେ ହିଁ କ୍ଷତିଗ୍ରସ୍ତ ଓଡ଼ିଶା ପୁଣିଥରେ ଦ୍ରୁତ ଗତିରେ ଆଗକୁ ବଢ଼ିପାରିବ।

ନ୍ୟାୟିକ ସ୍ୱାଧୀନତା ପାଇଁ ଏକ ସାହସୀ ପଦକ୍ଷେପ

ସାମ୍ବିଧାନିକ ଅଦାଲତର ବିଚାରପତିମାନେ ଯେତେବେଳେ ଶପଥ ଗ୍ରହଣ କରନ୍ତି, ସେତେବେଳେ ସେମାନେ କୁହନ୍ତି ଯେ ସେମାନେ "ଭୟ ବା ପକ୍ଷପାତ, ଅନୁରାଗ ବା ବିଦ୍ୱେଷ ବିନା ନିଜର କର୍ତ୍ତବ୍ୟ ସମ୍ପାଦନ କରିବେ।" କିନ୍ତୁ ପ୍ରସିଦ୍ଧ ଆଇନଜ୍ଞ ତଥା ବିଚାରପତି ବେଞ୍ଜାମିନ୍ କାର୍ଡୋଜୋ ତାଙ୍କର ପ୍ରଭାବଶାଳୀ ପୁସ୍ତକ 'ଦ ନେଚର ଅଫ୍ ଜୁଡିସିଆଲ୍ ପ୍ରୋସେସ୍' (୧୯୨୧)ରେ ଲେଖିଥିଲେ: "ଅନ୍ୟ ମଣିଷମାନଙ୍କୁ ଆଚ୍ଛନ୍ନ କରୁଥିବା ପ୍ରବଳ ସ୍ରୋତ ଓ ବଡ଼ ଢେଉଗୁଡ଼ିକ ନିଜ ଗତିପଥରୁ ହଟିଯାଇ ବିଚାରପତିମାନଙ୍କୁ ଏଡ଼ାଇ ଚାଲିଯାଆନ୍ତି ନାହିଁ।" ସେ ଲେଖିଥିଲେ ଯେ ବିଚାରପତିମାନେ ମଣିଷ, 'ଶୀତଳ ଓ ସୁଦୂର ଶିଖର'ରେ ରହୁଥିବା ଭ୍ରମଶୂନ୍ୟ ଆତ୍ମା ନୁହଁନ୍ତି। ଉଚ୍ଚ ନ୍ୟାୟାଳୟ ଏବଂ ସର୍ବୋଚ୍ଚ ନ୍ୟାୟାଳୟରେ ୨୨ ବର୍ଷ ବିଚାରପତି ଭାବେ କାର୍ଯ୍ୟ କରିଥିବା ଜଷ୍ଟିସ୍ ସଞ୍ଜୟ କିଷନ କୌଲ ତାଙ୍କର ନିକଟରେ ପ୍ରକାଶିତ ଆତ୍ମଜୀବନୀ 'ଓ୍ୱିଦ୍ ଆଉଟ୍ ଫିଅର ଅର୍ ଫେଭର'ଅରେ ରାଜନୈତିକ ଚାପର ସମ୍ମୁଖୀନ ହେବା ବେଳେ ନିଜର ନ୍ୟାୟିକ ସ୍ୱାଧୀନତା ତଥା ଜୀବନ ଓ ସ୍ୱାଧୀନତାର ସୁରକ୍ଷା ପାଇଁ ଥିବା ତାଙ୍କର ଲକ୍ଷ୍ୟକୁ ପ୍ରଦର୍ଶନ କରିବାକୁ ଏକ ସାହସୀ ପ୍ରୟାସ କରିଛନ୍ତି। ଏହି କ୍ରମରେ ସେ ସେଣ୍ଟ ଷ୍ଟିଫେନ୍ସର ନିଜ ବନ୍ଧୁ ତଥା ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କୁ କାର୍ଯ୍ୟପାଳିକା ପ୍ରତି ଅତ୍ୟଧିକ "ନମ୍ର ଆଭିମୁଖ୍ୟ" ଗ୍ରହଣ କରିଥିବା ନେଇ କଡ଼ା ସମାଲୋଚନା କରିଛନ୍ତି। ଏହି ପୁସ୍ତକଟି ଯେଉଁ ତିନୋଟି କ୍ଷେତ୍ରରେ ବେଶ୍ ଆକର୍ଷଣୀୟ ହୋଇଛି, ତାହା ହେଲା—ସୃଜନଶୀଳ ସ୍ୱାଧୀନତାର ଦୃଢ଼ ସୁରକ୍ଷା, ଦକ୍ଷିଣ ଭାରତରେ ଅସହଜ ଅନୁଭୂତି ଏବଂ ସର୍ବୋଚ୍ଚ ନ୍ୟାୟାଳୟର ୭୬ ବର୍ଷର ଦୀର୍ଘ ଓ ଘଟଣାବହୁଳ ଇତିହାସରେ ତିନୋଟି ଯୁଗାନ୍ତକାରୀ ମାଇଲଖୁଣ୍ଟକୁ ଚିହ୍ନଟ କରିବା।

ସୃଜନଶୀଳ ସ୍ୱାଧୀନତାର ଦୃଢ଼ ସୁରକ୍ଷା

ପ୍ରଥମ ମାମଲାଟି ହେଉଛି ଏମ୍.ଏଫ୍. ହୁସେନଙ୍କ 'ଭାରତ ମାତା' ଚିତ୍ରକଳା, ଯାହାକୁ ନେଇ ତୀବ୍ର ଜନଆକ୍ରୋଶ ସୃଷ୍ଟି ହୋଇଥିଲା, ଧାର୍ମିକ ଭାବନାକୁ ଆଘାତ ଲାଗିଥିବା ଅଭିଯୋଗ ହୋଇଥିଲା ଏବଂ ଅଶ୍ଳୀଳତାର ପ୍ରସଙ୍ଗ ଉଠିଥିଲା। ୨୦୦୮ ମସିହାରେ ଜଷ୍ଟିସ୍ କୌଲ ଏହି ଫୌଜଦାରୀ କାର୍ଯ୍ୟାନୁଷ୍ଠାନକୁ ଖାରଜ କରି ରାୟ ଦେଇଥିଲେ ଯେ ଉକ୍ତ ଚିତ୍ରକଳାଟି ଅଶ୍ଳୀଳତା ନୁହେଁ, ବରଂ କଳାର ଏକ ଅଭିବ୍ୟକ୍ତି, ଏବଂ ପାରମ୍ପରିକ ମନ୍ଦିରର ଶୃଙ୍ଗାରିକ ଭାସ୍କର୍ଯ୍ୟ ସହିତ ଏହାର ତୁଳନା କରିଥିଲେ। ଆଇନଗତ ପ୍ରଶ୍ନଟି ସରଳ ଥିଲା: ଭାରତୀୟ ଦଣ୍ଡ ସଂହିତା (ଆଇପିସି)ର ଧାରା ୨୯୨ ଅର୍ଥରେ ଏହି ଚିତ୍ରକଳା ଅଶ୍ଳୀଳ କି? ଡି.ଏଚ୍. ଲରେନ୍ସଙ୍କ ବିବାଦୀୟ ପୁସ୍ତକ 'ଲେଡି ଚାଟରଲିଜ୍ ଲାଭର'ର କପି ବିକ୍ରି କରିବା ଅଭିଯୋଗରେ ମୁମ୍ବାଇର ଜଣେ ପୁସ୍ତକ ବିକ୍ରେତାଙ୍କ ବିରୋଧରେ ମକଦ୍ଦମା ଚାଲିଥିବା ରଞ୍ଜିତ ଉଦେଶୀ ମାମଲା (୧୯୬୪)କୁ ଉଦ୍ଧୃତ କରି ସର୍ବୋଚ୍ଚ ନ୍ୟାୟାଳୟ କହିଥିଲେ ଯେ ଯେଉଁଠାରେ କଳା ଓ ଅଶ୍ଳୀଳତା ମିଶିଯାଏ, ସେଠାରେ କଳା ଏତେ ପ୍ରବଳ ହେବା ଉଚିତ ଯେ ଅଶ୍ଳୀଳତାକୁ ଛାଇରେ ଲୁଚାଇ ଦେବ। ଜଷ୍ଟିସ୍ କୌଲ ରାୟ ଦେଇଥିଲେ: ନଗ୍ନତା ଅଶ୍ଳୀଳତା ନୁହେଁ। ନିଷ୍ଠାର ସହ ବିଚାର କଲେ, ଏହି ଚିତ୍ରକଳା ଉତ୍ତେଜକ ନଥିଲା କିମ୍ବା କାମୋଦ୍ଦୀପକ ଆକର୍ଷଣ ସୃଷ୍ଟି କରୁନଥିଲା। ଜଷ୍ଟିସ୍ କୌଲ ବର୍ଣ୍ଣନା କରିଛନ୍ତି ଯେ ତାଙ୍କ ରାୟର ପ୍ରତିକ୍ରିୟା କେତେ ହିଂସାତ୍ମକ ଓ ଅଶାଳୀନ ଥିଲା ଏବଂ ତାଙ୍କ ଝିଅ ମଧ୍ୟ ଏଥିରୁ ବାଦ୍ ପଡ଼ି ନଥିଲେ। କୌଲଙ୍କୁ ସବୁଠାରୁ ଅଧିକ ସନ୍ତୋଷ ଦେଇଥିବା ଅନ୍ୟ ଏକ ମାମଲା ଥିଲା ପ୍ରସିଦ୍ଧ ତାମିଲ ଔପନ୍ୟାସିକ ମୁରୁଗନଙ୍କ ବିରୋଧରେ ରୁକ୍ମୁ ମାମଲା, ଯିଏ ନିଃସନ୍ତାନ ଦମ୍ପତିଙ୍କ ଉପରେ ଆଧାରିତ ନିଜ ପୁସ୍ତକ 'ମାଧୋରୁବାଗନ' ପାଇଁ ବହୁ ହଇରାଣ ହୋଇଥିଲେ। ଫୌଜଦାରୀ ଅଭିଯୋଗଗୁଡ଼ିକୁ ରଦ୍ଦ କରିବା ବେଳେ ସେ ଲେଖିଥିଲେ: "ଲେଖକଙ୍କୁ ତାଙ୍କ ସର୍ବଶ୍ରେଷ୍ଠ କାମକୁ ଫେରିବାକୁ ଦିଆଯାଉ। ଲେଖିବାକୁ ଦିଆଯାଉ।"



ସତ୍ୟ ନାରାୟଣ ମିଶ୍ର
ପ୍ରଫେସର ଏମିରିଟ୍ସ ଏବଂ ନିୟମିତ ସ୍ତମ୍ଭକାର

ଦକ୍ଷିଣ ଭାରତରେ ଅସହଜ ଅନୁଭୂତି

ଜଷ୍ଟିସ୍ କୌଲଙ୍କ ଭଳି ଜଣେ ସମ୍ପୂର୍ଣ୍ଣ ଉତ୍ତର ଭାରତୀୟ ବ୍ୟକ୍ତିଙ୍କ ପାଇଁ ଚେନ୍ନାଇର ପ୍ରଧାନ ବିଚାରପତି (ସିଜେଆଇ) ଭାବେ ନିଯୁକ୍ତି ପାଇବା କେବଳ ଏକ ଗଭୀର ରକ୍ଷଣଶୀଳ ସହରର ସାଂସ୍କୃତିକ ଆଘାତ ନଥିଲା, ବରଂ ସେହି ରାଜ୍ୟର ପ୍ରତ୍ୟେକ ଅନୁଷ୍ଠାନ—ତାହା ବାର୍ ହେଉ, ବେଞ୍ଚ ହେଉ, ନିମ୍ନ ଅଦାଲତ ହେଉ, ପ୍ରଶାସନ ହେଉ କିମ୍ବା ରାଜନୈତିକ ବ୍ୟବସ୍ଥା ହେଉ—ସବୁଥିରେ ବ୍ୟାପି ରହିଥିବା ଜାତିଗତ ପ୍ରାଧାନ୍ୟର ଅନୁଭୂତି ମଧ୍ୟ ଥିଲା। ଜାତିଗତ ପ୍ରଭାବ ଯଦି ଏକ ନିରନ୍ତର ଅନ୍ତଃସ୍ରୋତ ଥିଲା, ତେବେ ଧର୍ମଘଟଗୁଡ଼ିକ ଥିଲା ଉପକୂଳରେ ପ୍ରବଳ ବେଗରେ ମାଡ଼ ହେଉଥିବା ଢେଉ ସଦୃଶ। ତା'ଉପରେ ଦିଲ୍ଲୀ ଓ ଚଣ୍ଡିଗଡ଼ରେ ରାଜ୍ୟ ସରକାରଙ୍କ ସହିତ ତାଙ୍କର ଥିବା ସକାରାତ୍ମକ ସମ୍ପର୍କର ବିପରୀତ, ତାଙ୍କୁ ଜୟଲଳିତାଙ୍କ ଭଳି ଜଣେ କଠୋର ମୁଖ୍ୟମନ୍ତ୍ରୀଙ୍କ ସହିତ ମୁକାବିଲା କରିବାକୁ ପଡ଼ିଥିଲା, ଯିଏ ଜଣେ ନିର୍ଦ୍ଦିଷ୍ଟ ନ୍ୟାୟିକ ଅଧିକାରୀଙ୍କୁ ଆଇନ ସଚିବ ଭାବେ ନିଯୁକ୍ତ କରିବାକୁ ଚାହୁଁଥିଲେ। ସିସିଏସ୍ ନିୟମର ଧାରା ୫୬(ଜେ) ଅଧୀନରେ ଉକ୍ତ ଅଧିକାରୀଙ୍କୁ ଚାକିରିରୁ ବାଦ୍ ଦେବାର ପ୍ରକ୍ରିୟା ଚାଲିଥିଲା ଏବଂ ସିଜେଆଇ ଭାବେ କୌଲ ଏଥିରେ ନରମ ହୋଇ ନଥିଲେ। ନିଯୁକ୍ତି ସମ୍ଭବ ନହେବାରୁ, ସେମାନେ ତାଙ୍କୁ ଧାରା ୩୧୫ ଅଧୀନରେ ରାଜ୍ୟ ଲୋକସେବା ଆୟୋଗ (ପିଏସ୍ସି)ର ସଦସ୍ୟ କରିବାକୁ ଚେଷ୍ଟା କରିଥିଲେ। ଜଷ୍ଟିସ୍ କୌଲ ଆଡଭୋକେଟ୍ ଜେନେରାଲ (ଏଜି)ଙ୍କୁ ଡାକି କହିଥିଲେ, "ଏହା ମୋ ଆଖିରେ କଣ୍ଟା ପୂରାଇବା ଭଳି କଥା। ଏହା ସମ୍ଭବ ନୁହେଁ।" ଏହି ସବୁ ପ୍ରତିବନ୍ଧକ ସତ୍ତ୍ୱେ ସେ ଅଦାଲତକୁ ସ୍ଥିର କରିପାରିଥିଲେ, ଧର୍ମଘଟ ସଂସ୍କୃତିକୁ ନିୟନ୍ତ୍ରଣ କରିପାରିଥିଲେ ଏବଂ ଜୟଲଳିତାଙ୍କ ଭଳି ପ୍ରଭାବଶାଳୀ ରାଜନେତାଙ୍କୁ ଦୂରେଇ ରଖିପାରିଥିଲେ।

ସର୍ବୋଚ୍ଚ ନ୍ୟାୟାଳୟ ଇତିହାସର ଯୁଗାନ୍ତକାରୀ ମାଇଲଖୁଣ୍ଟ

୨୫ ଏପ୍ରିଲ ୧୯୭୩—ଯେତେବେଳେ ଏ.ଏନ୍. ରାୟଙ୍କୁ ପ୍ରଧାନ ବିଚାରପତି ନିଯୁକ୍ତ କରିବା ପାଇଁ ତିନି ଜଣ ବରିଷ୍ଠ ବିଚାରପତିଙ୍କୁ ଅଣଦେଖା କରାଯାଇଥିଲା; ୬ ଅକ୍ଟୋବର ୧୯୯୩—ଯେଉଁଦିନ ବିଚାରପତିମାନେ କଲେଜିୟମ୍ ବ୍ୟବସ୍ଥା ମାଧ୍ୟମରେ ବିଚାରପତି ନିଯୁକ୍ତି କରିବାର କ୍ଷମତା ନିଜ ହାତକୁ ନେଇଥିଲେ; ଏବଂ ୧୨ ଜାନୁଆରୀ ୨୦୧୮—ଯେତେବେଳେ ଚାରି ଜଣ ବରିଷ୍ଠତମ ବିଚାରପତି 'ମାଷ୍ଟର ଅଫ୍ ଦ ରୋଷ୍ଟର' କ୍ଷମତାର ମନମୁଖୀ ବ୍ୟବହାର ବିରୋଧରେ ପ୍ରଧାନ ବିଚାରପତିଙ୍କୁ ସର୍ବସାଧାରଣରେ ସମାଲୋଚନା କରିଥିଲେ; ଏଗୁଡ଼ିକ ନ୍ୟାୟିକ ଇତିହାସର ଯୁଗାନ୍ତକାରୀ ମାଇଲଖୁଣ୍ଟ। ବିଚାରପତି ନିଯୁକ୍ତିରେ ବରିଷ୍ଠତା ଅଣଦେଖା କରିଥିବା ମାନସିକତା—ଅର୍ଥାତ୍ ଖୋଲାଖୋଲି ଭାବେ ଏକ ଆଦର୍ଶଗତ ପ୍ରତିବଦ୍ଧ ନ୍ୟାୟପାଳିକା ଗଠନର ଆକାଂକ୍ଷା—ଇତିହାସର ଅଳିଆଗଦାରେ ଫିଙ୍ଗା ହୋଇସାରିଛି ବୋଲି ଜଷ୍ଟିସ୍ କୌଲ ବିଶ୍ୱାସ କରୁଥିବା ବେଳେ, ଅନ୍ୟ ଦୁଇଟି ତାରିଖର ପ୍ରକୃତ ପ୍ରଭାବ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ପରବର୍ତ୍ତୀ ସମୟରେ ବିଚାରପତିମାନଙ୍କ ଏଭଳି ସର୍ବସାଧାରଣ ପ୍ରତିବାଦର ବିଚକ୍ଷଣତା ସନ୍ଦେହଜନକ ମନେ ହୁଏ। ତଥାପି, ବିଚାରପତିମାନେ ବିଚାରପତି ନିଯୁକ୍ତ କରୁଥିବା ଏହି କଲେଜିୟମ୍ ବ୍ୟବସ୍ଥା ହିଁ ସବୁଠାରୁ ଅଧିକ ସମସ୍ୟାପୂର୍ଣ୍ଣ। ୨୦୧୫ ମସିହାରେ ଚାରି ଜଣ ବିଚାରପତି ଜାତୀୟ ନ୍ୟାୟିକ ନିଯୁକ୍ତି ଆୟୋଗ (ଏନ୍ଜେଏସି) ଆଇନକୁ ନ୍ୟାୟିକ ସ୍ୱାଧୀନତା ତଥା ମୌଳିକ ଢାଞ୍ଚାର ଉଲ୍ଲଂଘନ ଦର୍ଶାଇ ରଦ୍ଦ କରିବା ବେଳେ ଜଷ୍ଟିସ୍ ଚେଲାମେଶ୍ୱର ଏକମାତ୍ର ଭିନ୍ନମତ ପୋଷଣ କରିଥିଲେ। ଚେଲାମେଶ୍ୱର ଯୁକ୍ତି ବାଢ଼ିଥିଲେ ଯେ ନ୍ୟାୟିକ ପ୍ରାଧାନ୍ୟ ଏକ ମୌଳିକ ବୈଶିଷ୍ଟ୍ୟ ନୁହେଁ ଏବଂ ନିଯୁକ୍ତି ପ୍ରକ୍ରିୟାରୁ କାର୍ଯ୍ୟପାଳିକାକୁ ବାଦ୍ ଦେବା ଗଣତନ୍ତ୍ରରେ କ୍ଷମତାର ସନ୍ତୁଳନ ଓ ନିୟନ୍ତ୍ରଣ ନୀତିକୁ ଉଲ୍ଲଂଘନ କରେ।

କଲେଜିୟମ୍ର ଜଟିଳ ପ୍ରସଙ୍ଗ

୨୦୦୩–୨୦୦୬ ପର୍ଯ୍ୟନ୍ତ କଲେଜିୟମ୍ ବ୍ୟବସ୍ଥାର ଅଂଶ ଥିବା ଜଷ୍ଟିସ୍ ରୁମା ପାଲ୍ ୨୦୧୧ ମସିହାରେ ଏକ ବକ୍ତବ୍ୟରେ ପ୍ରକାଶ କରିଥିଲେ ଯେ କଲେଜିୟମ୍ ସଦସ୍ୟମାନଙ୍କ ମଧ୍ୟରେ ନିଜ ନିଜ ପସନ୍ଦର ପ୍ରାର୍ଥୀଙ୍କୁ ଚୟନ କରିବା ପାଇଁ ଆଭ୍ୟନ୍ତରୀଣ ବୁଝାମଣା ବା କାରବାର ଚାଲୁଥିଲା ଏବଂ ଚୟନ ପ୍ରକ୍ରିୟାର ଅସ୍ୱଚ୍ଛତା ଜନସାଧାରଣଙ୍କ ବିଶ୍ୱାସକୁ ଦୁର୍ବଳ କରୁଥିଲା। ଜଷ୍ଟିସ୍ କୌଲ ଦର୍ଶାଇଛନ୍ତି ଯେ ସିଜେଆଇ ଚନ୍ଦ୍ରଚୂଡ଼ ବିଭିନ୍ନ ବିଷୟରେ ସରକାରଙ୍କ ପ୍ରତି "ଅତ୍ୟଧିକ ନମ୍ର" ଥିଲେ ଏବଂ କଲେଜିୟମ୍ ସଦସ୍ୟମାନେ ନାମଗୁଡ଼ିକ ଉପରେ ବିଚାର କରିବା ପୂର୍ବରୁ ପରାମର୍ଶ ପରିବର୍ତ୍ତେ ପ୍ରାୟତଃ ସରକାରଙ୍କ ପୂର୍ବ-ଅନୁମୋଦନ ନେଉଥିଲେ। ଧାରା ୩୭୦ ଉଚ୍ଛେଦ, ସମଲିଙ୍ଗୀ ବିବାହ ଏବଂ ଗୋପନୀୟତାର ଅଧିକାର ସମ୍ପର୍କିତ ରାୟଗୁଡ଼ିକରୁ ଜଣାପଡ଼େ ଯେ ନ୍ୟାୟିକ ପ୍ରସଙ୍ଗରେ ସେ ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ସହ ଏକମତ ଥିଲେ, କିନ୍ତୁ ତାଙ୍କର ପ୍ରଶାସନିକ ଭୂମିକାକୁ ନେଇ ସେ ସ୍ପଷ୍ଟ ଭାବେ ସମାଲୋଚନାତ୍ମକ। ସେ ଲେଖିଛନ୍ତି. ଯଦି ଆପଣ କବାଟରେ ଏକ କୀଳକ ଲଗାଇବାକୁ ସୁଯୋଗ ଦିଅନ୍ତି, ତେବେ ଯେକୌଣସି ରାଜନୈତିକ ଶ୍ରେଣୀ ସର୍ବଦା ନିଜର ପ୍ରଭାବ ଜାହିର କରିବ। ସେପ୍ଟେମ୍ବର ୨୦୨୪ରେ ପ୍ରଧାନମନ୍ତ୍ରୀଙ୍କୁ ନିଜ ଘରେ ଗଣେଶ ପୂଜା ପାଇଁ ନିମନ୍ତ୍ରଣ କରି ସିଜେଆଇ ଚନ୍ଦ୍ରଚୂଡ଼ ପରିସ୍ଥିତିକୁ ଆହୁରି ଜଟିଳ କରିଛନ୍ତି। ଅବସର ପରବର୍ତ୍ତୀ ପଦବୀ ପାଇଁ ସେ ଆଶାୟୀ ନୁହଁନ୍ତି ବୋଲି ପ୍ରଧାନମନ୍ତ୍ରୀଙ୍କୁ କହିଥିବା ନେଇ କୌଲଙ୍କ ଦା







ଜନବାର୍ତ୍ତା
ସାଭିମାନୀ ଓଡ଼ିଆଙ୍କ ସର
(JANABARTTA SWABHIMANI ODIANKA SWARA)

ମହାନଦୀ ପଠାରେ ଜମିବ ଗୌରବମୟ ନୌବାଣିଜ୍ୟର ମହାକୁମ୍ଭ

ପ୍ରାଚୀନ କଳିଙ୍গର ଗୌରବମୟ ନୌବାଣିଜ୍ୟ ପରମ୍ପରାର ଜୀବନ୍ତ ପ୍ରତୀକ ଐତିହାସିକ 'କଟକ ବାଲିଯାତ୍ରା ୨୦୨୬' ପାଇଁ ପ୍ରସ୍ତୁତି ଏବେ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତା ନଭେମ୍ବର ୨୪ ତାରିଖ କାର୍ତ୍ତିକ ପୂର୍ଣ୍ଣିମାଠାରୁ ଡିସେମ୍ବର ୧ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୮ ଦିନ ଧରି ମହାନଦୀ କୂଳର ଉପର ଓ ତଳ ପଡ଼ିଆରେ ଏହି ମହାକୁମ୍ଭ ଅନୁଷ୍ଠିତ ହେବ। ଚଳିତ ବର୍ଷ ଏହି ମହୋତ୍ସବକୁ ଦେଶର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଥିବାରୁ ସାରା ରାଜ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିମନ୍ତ୍ରଣ କ୍ରମେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନଭେମ୍ବର ୨୪ ତାରିଖରେ କଟକ ଗସ୍ତରେ ଆସି ପ୍ରଥମେ 'କଟକ ଇନ୍ କଟକ' ପ୍ୟାଭିଲିୟନ୍ ଏବଂ ପରେ ବାଲିଯାତ୍ରାର ଶୁଭାରମ୍ଭ କରିବେ। ଗତ ବର୍ଷ ମେଳା କେବଳ ତଳ ପଡ଼ିଆରେ ସୀମିତ ଥିବାବେଳେ, ଚଳିତ ବର୍ଷ ପ୍ରଶାସନ ପକ୍ଷରୁ ଉଭୟ ଉପର ଓ ତଳ ପଡ଼ିଆରେ ବ୍ୟାପକ ଆୟୋଜନ କରାଯାଇଛି। ଏଥିପାଇଁ ପ୍ରାୟ ୧୭ କୋଟି ଟଙ୍କାର ବଜେଟ୍ ଧାର୍ଯ୍ୟ କରାଯାଇଥିବା ବେଳେ ୧,୮୦୦ରୁ ଅଧିକ ବାଣିଜ୍ୟିକ ପ୍ଲଟ୍ ଏବଂ ଷ୍ଟଲ୍ ଖୋଲିବାର ବ୍ୟବସ୍ଥା ହୋଇଛି।




ନଭେମ୍ବର ୨୪ରୁ ଡିସେମ୍ବର ୧ ପର୍ଯ୍ୟନ୍ତ ୮ ଦିନ ଧରି ଚାଲିବ ବିଶ୍ୱପ୍ରସିଦ୍ଧ ବାଲିଯାତ୍ରା

ଚଳିତ ବାଲିଯାତ୍ରାର ସବୁଠାରୁ ବଡ଼ ଆକର୍ଷଣ ସାଜିବ 'କଟକ ଇନ୍ କଟକ' ପ୍ୟାଭିଲିୟନ୍। ଏଥିରେ ପ୍ରାଚୀନ ଓଡ଼ିଶାର ସାଧବ ପୁଅମାନଙ୍କ ବୋଇତ ଯାତ୍ରା, ଇଣ୍ଡୋନେସିଆର ବାଲିଦ୍ୱୀପ ସହ ଥିବା ବାଣିଜ୍ୟିକ ସମ୍ପର୍କ ଏବଂ କଟକର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ନିଖୁଣ ଭାବେ ପ୍ରଦର୍ଶିତ କରାଯିବ। ଏହା ବ୍ୟତୀତ ଦୁଇଟି ମୁଖ୍ୟ ସାଂସ୍କୃତିକ ମଞ୍ଚରେ ଓଡ଼ିଶାର ପାରମ୍ପରିକ ଲୋକକଳା, ନୃତ୍ୟ ଓ ସଙ୍ଗୀତ ପରିବେଷଣ ପାଇଁ ସ୍ଥାନୀୟ କଳାକାରମାନଙ୍କୁ ବିଶେଷ ପ୍ରାଧାନ୍ୟ ଦିଆଯାଇଛି। ଦର୍ଶକଙ୍କ ମନୋରଞ୍ଜନ ପାଇଁ ମହାନଦୀରେ ସ୍ୱତନ୍ତ୍ର ଜଳକ୍ରୀଡ଼ାର ମଧ୍ୟ ବ୍ୟବସ୍ଥା କରାଯାଇଛି। ପରିବେଶ ସୁରକ୍ଷାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ସମଗ୍ର ବାଲିଯାତ୍ରା ପଡ଼ିଆକୁ 'ପ୍ଲାଷ୍ଟିକ୍ ମୁକ୍ତ ଜୋନ୍' ଭାବେ ଘୋଷଣା କରାଯାଇଛି। ଖାଇବା ଷ୍ଟଲଗୁଡ଼ିକରେ ପ୍ଲାଷ୍ଟିକ୍ ପ୍ଲେଟ୍ ଓ ଗ୍ଲାସ୍ ପରିବର୍ତ୍ତେ ପାରମ୍ପରିକ ଶାଳ ପତ୍ର ଖଲି ଓ ମାଟି ପାତ୍ର ବ୍ୟବହାର କରିବାକୁ ବାଧ୍ୟତାମୂଳକ କରାଯାଇଛି।

ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ କରକମଳରେ ହେବ ମହୋତ୍ସବର ଭବ୍ୟ ଉଦ୍‌ଘାଟନ

ଅନ୍ୟପଟେ, ରାଷ୍ଟ୍ରପତିଙ୍କ ଗସ୍ତ ଏବଂ ଲକ୍ଷାଧିକ ଲୋକଙ୍କ ସମାଗମକୁ ନଜରରେ ରଖି କମିଶନରେଟ୍ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ସହରରେ ଟ୍ରାଫିକ୍ ନିୟନ୍ତ୍ରଣ ଏବଂ ସୁଗମ ପାର୍କିଂ ପାଇଁ ସ୍ୱତନ୍ତ୍ର ରୁଟ୍ ମ୍ୟାପ୍ ପ୍ରସ୍ତୁତ କରାଯାଇଛି। ତେବେ ମେଳା ଆରମ୍ଭ ପୂର୍ବରୁ ପ୍ଲଟ୍ ଆବଣ୍ଟନ ଓ ନିଲାମ ଦରକୁ ନେଇ କ୍ଷୁଦ୍ର ବ୍ୟବସାୟୀଙ୍କ ମଧ୍ୟରେ ସାମାନ୍ୟ ଅସନ୍ତୋଷ ଦେଖାଦେଇଛି। ସେହିପରି ଚଳିତ ବର୍ଷ ବାଲିଯାତ୍ରାରେ କଟକର ପ୍ରସିଦ୍ଧ ଦହିବରା ଆଳୁଦମ୍ ପାଇଁ କୌଣସି ସ୍ୱତନ୍ତ୍ର ହାଟ ରହିବ ନାହିଁ ବୋଲି ବ୍ୟବସାୟୀ ସଂଘ ନିଷ୍ପତ୍ତି ନେଇଛି। ତଥାପି ଐତିହାସିକ ବାଲିଯାତ୍ରାର ମଜା ନେବା ପାଇଁ କଟକ ସମେତ ରାଜ୍ୟର ବିଭିନ୍ନ କୋଣଅନୁକୋଣରୁ ଆସୁଥିବା ଦର୍ଶକଙ୍କ ମଧ୍ୟରେ ପ୍ରବଳ ଉତ୍କଣ୍ଠା ଭରି ରହିଛି।



ବାଲିଯାତ୍ରା ପ୍ଲଟ୍ ଆବଣ୍ଟନକୁ ନେଇ ତେଜିଲା ବିବାଦ

ଐତିହାସିକ କଟକ ବାଲିଯାତ୍ରା ୨୦୨୬ ଆରମ୍ଭ ହେବାକୁ ଆଉ ମାତ୍ର କେଇଟା ଦିନ ବାକି ଥିବାବେଳେ, ଏବେ ପ୍ଲଟ୍ ଆବଣ୍ଟନ ଓ ଦର ଧାର୍ଯ୍ୟକୁ ନେଇ ବଡ଼ ଧରଣର ବିବାଦ ମୁଣ୍ଡ ଟେକିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ଲଟ୍ ବଣ୍ଟନରେ ପାତରଅନ୍ତର କରାଯାଉଥିବା ଅଭିଯୋଗ ଆଣିଛନ୍ତି କ୍ଷୁଦ୍ର ଓ ମଧ୍ୟମ ଧରଣର ବ୍ୟବସାୟୀ। ବଡ଼ କର୍ପୋରେଟ୍ ସଂସ୍ଥା ଏବଂ ପ୍ରଭାବଶାଳୀ ଗୋଷ୍ଠୀଙ୍କୁ କମ୍ ଦରରେ ବିନା ନିଲାମରେ ବିପୁଳ ପରିମାଣର ଜମି ଦିଆଯାଉଥିବା ବେଳେ, ସାଧାରଣ ବ୍ୟବସାୟୀଙ୍କୁ ନି ଲ। ମ ନାଁରେ ଶୋଷଣ କରାଯାଉଥିବା ଅଭିଯୋଗ ହୋଇଛି।

ବଡ଼ କମ୍ପାନୀଙ୍କୁ ୬୦ ଟଙ୍କା, ଛୋଟ ବ୍ୟବସାୟୀଙ୍କୁ ୨୦୦ ଟଙ୍କା ଦରକୁ ନେଇ ଅସନ୍ତୋଷ



ଅଭିଯୋଗ ଅନୁଯାୟୀ, ବାଲିଯାତ୍ରା ପଡ଼ିଆରେ ଏକ ନିର୍ଦ୍ଦିଷ୍ଟ ବ୍ୟବସାୟୀ ସଂଘ ବା କର୍ପୋରେଟ୍ ସଂସ୍ଥାକୁ ବିନା କୌଣସି ନିଲାମ ପ୍ରକ୍ରିୟାରେ ପ୍ରାୟ ୩୫,୦୦୦ ବର୍ଗଫୁଟ୍ ଜାଗା ଆବଣ୍ଟନ କରାଯାଇଛି। ଏଥିପାଇଁ ସେମାନଙ୍କଠାରୁ ବର୍ଗଫୁଟ୍ ପିଛା ମାତ୍ର ୬୦ ଟଙ୍କା ଦର ନିଆଯାଇଛି। ଅନ୍ୟପଟେ, କ୍ଷୁଦ୍ର ବ୍ୟବସାୟୀମାନଙ୍କୁ ପ୍ଲଟ୍ ପାଇବା ପାଇଁ କଡ଼ା ନିଲାମ ପ୍ରକ୍ରିୟା ଦେଇ ଗତି କରିବାକୁ ପଡୁଛି। ନିଲାମରେ ପ୍ରତିଯୋଗିତା କାରଣରୁ ଛୋଟ ବ୍ୟବସାୟୀମାନେ ବର୍ଗଫୁଟ୍ ପିଛା ୨୦୦ ଟଙ୍କାରୁ ଆରମ୍ଭ କରି ପ୍ରମୁଖ ସ୍ଥାନଗୁଡ଼ିକ ପାଇଁ ୧,୩୦୦ ଟଙ୍କା ପର୍ଯ୍ୟନ୍ତ ଦର ଦେବାକୁ ବାଧ ହେଉଛନ୍ତି। ଏହି ଘଟଣାକୁ ନେଇ ବ୍ୟବସାୟୀ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ବ୍ୟବସାୟୀଙ୍କ କହିବା କଥା, ଗୋଟିଏ ମେଳାରେ ଦୁଇ ପ୍ରକାର ନୀତି କାହିଁକି ଆପଣାଯାଉଛି। ବିନା ନିଲାମରେ ଏତେ ବଡ଼ ଜାଗା ଟେକିଦେବା ଫଳରେ ବାଲିଯାତ୍ରାରେ ପୁଣିଥରେ ଦଲାଲ ରାଜ୍ ଫେରିବାର ଆଶଙ୍କା ସୃଷ୍ଟି ହୋଇଛି। ଏହା ସହିତ, ପଞ୍ଜୀକରଣ ଶୁଳ୍କ ଫେରସ୍ତ ନହେବା ଏବଂ ଏକାଧିକ ସ୍ଥାନରେ ନିଲାମ ପ୍ରକ୍ରିୟା ଆୟୋଜନକୁ ନେଇ ମଧ୍ୟ ବ୍ୟବସାୟୀମାନେ ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପଟେ, ପ୍ରଶାସନ ପକ୍ଷରୁ ନିଲାମ ପ୍ରକ୍ରିୟାକୁ ସ୍ୱଚ୍ଛ ଓ ନିରପେକ୍ଷ ରଖିବା ପାଇଁ ୭ଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିବା କୁହାଯାଇଛି। ତେବେ ମେଳା ଆରମ୍ଭ ପୂର୍ବରୁ ଏହି ପ୍ଲଟ୍ ବଣ୍ଟନ ବିବାଦର ସମାଧାନ ନହେଲେ ଆଗାମୀ ଦିନରେ ବ୍ୟବସାୟୀମାନେ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇବେ ବୋଲି ଚେତାବନୀ ଦେଇଛନ୍ତି।

ବାଲିଯାତ୍ରାରେ ବଲିଉଡ୍ ନାଇଟ୍‌କୁ ନା

ଐତିହାସିକ କଟକ ବାଲିଯାତ୍ରା ଆରମ୍ଭ ହେବା ପୂର୍ବରୁ ସାଂସ୍କୃତିକ କାର୍ଯ୍ୟକ୍ରମକୁ ନେଇ ଏକ ବଡ଼ ନିଷ୍ପତ୍ତି ସାମ୍ନାକୁ ଆସିଛି। ଚଳିତ ବର୍ଷ ବାଲିଯାତ୍ରା ମଞ୍ଚରେ କୌଣସି ବଡ଼ ବଲିଉଡ୍ କଳାକାରଙ୍କ କାର୍ଯ୍ୟକ୍ରମ ଆୟୋଜନ ନ କରିବାକୁ କମିଶନରେଟ୍ ପୋଲିସ୍ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ଜନଗହଳି ନିୟନ୍ତ୍ରଣ ଏବଂ ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ପୋଲିସ୍ କମିଶନର ଏନେଇ କଟକ ଜିଲ୍ଲାପାଳଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି। ସୂଚନାଯୋଗ୍ୟ ଯେ, ଗତବର୍ଷ ବାଲିଯାତ୍ରାରେ ପ୍ରସିଦ୍ଧ କଣ୍ଠଶିଳ୍ପୀ ଶ୍ରେୟା ଘୋଷାଲଙ୍କ ସଙ୍ଗୀତ ପରିବେଷଣ ସମୟରେ ପଡ଼ିଆରେ ଅସମ୍ଭାଳ ଭିଡ଼ ଜମିଥିଲା। ଅତ୍ୟଧିକ ଜନସମାଗମ ଯୋଗୁଁ ବାରିକେଡ୍ ଭାଙ୍ଗିବା ସହ ଦଳାଚକଟା ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା, ଯାହାକୁ ନିୟନ୍ତ୍ରଣ କରିବା ପାଇଁ ପୋଲିସକୁ ନାକେଦମ୍ ହେବାକୁ ପଡ଼ିଥିଲା। ସେହି ତିକ୍ତ ଅନୁଭୂତିରୁ ଶିକ୍ଷା ନେଇ ଚଳିତ ଥର ଆଗୁଆ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ବଡ଼ ସେଲିବ୍ରିଟି ଆସିଲେ ଲକ୍ଷାଧିକ ଲୋକଙ୍କ ସମାଗମ ହେବା ଆଶଙ୍କା ଥିବାରୁ, ସୁରକ୍ଷା ଦୃଷ୍ଟିରୁ ବଲିଉଡ୍ ନାଇଟ୍ ବନ୍ଦ ରଖିବାକୁ ପୋଲିସ୍ ପକ୍ଷରୁ ପରାମର୍ଶ ଦିଆଯାଇଛି। ଅନ୍ୟପଟେ, ଚଳିତ ବର୍ଷ ବାଲିଯାତ୍ରାକୁ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ମହାନଦୀ ପଠାରେ ଜୋରଦାର ପ୍ରସ୍ତୁତି ଚାଲିଥିବା ବେଳେ ସୁରକ୍ଷା ବ୍ୟବସ୍ଥାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ପୋଲିସ୍ କମିଶନରଙ୍କ ଏହି ପ୍ରସ୍ତାବ ପରେ ବଲିଉଡ୍ ଷ୍ଟାରଙ୍କ ବଦଳରେ ଓଡ଼ିଶାର ପାରମ୍ପରିକ ଲୋକକଳା ଏବଂ ସ୍ଥାନୀୟ କଳାକାରଙ୍କୁ ଅଧିକ ସୁଯୋଗ ମିଳିବା ନେଇ ଆଶା ସଞ୍ଚାର ହୋଇଛି। ତେବେ ଜିଲ୍ଲା ପ୍ରଶାସନ ଏନେଇ କ'ଣ ଚୂଡ଼ାନ୍ତ ନିଷ୍ପତ୍ତି ନେଉଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି।

ଭିଡ଼ ନିୟନ୍ତ୍ରଣ ପାଇଁ ଜିଲ୍ଲାପାଳଙ୍କୁ ପୋଲିସ୍ କମିଶନରଙ୍କ ଚିଠି

ବାଲିଯାତ୍ରାରେ ବନ୍ଦ ହେଲା 'ଦହିବରା ହାଟ'

କଟକର ପ୍ରସିଦ୍ଧ ସୁଆଦିଆ ଖାଦ୍ୟ 'ଦହିବରା ଆଳୁଦମ୍' ବିନା ବାଲିଯାତ୍ରାର ମଜା ଅଧୁରା ରହିଥାଏ। ତେବେ ଚଳିତ ବର୍ଷ ଐତିହାସିକ କଟକ ବାଲିଯାତ୍ରା ୨୦୨୬ରେ ଦର୍ଶକମାନେ ଆଉ ଗୋଟିଏ ସ୍ଥାନରେ ସ୍ୱତନ୍ତ୍ର 'ଦହିବରା ହାଟ' ଦେଖିବାକୁ ପାଇବେ ନାହିଁ। ଗତ ବର୍ଷ ପ୍ରଥମ ଥର ପାଇଁ ଆରମ୍ଭ ହୋଇଥିବା ଏହି ସ୍ୱତନ୍ତ୍ର ହାଟରେ ବ୍ୟବସାୟୀମାନେ ପ୍ରବଳ ଆର୍ଥିକ କ୍ଷତି ସହିଥିବାରୁ ଏବର୍ଷ ଏକାଠି ଷ୍ଟଲ୍ ଖୋଲିବାକୁ ଦହିବରା ବ୍ୟବସାୟୀ ସଂଘ ରୋକଠୋକ ମନା କରିଦେଇଛି। ଏପରିକି ଜିଲ୍ଲା ପ୍ରଶାସନ ପକ୍ଷରୁ ଦିଆଯାଇଥିବା ମାଗଣା ଜାଗା ପ୍ରସ୍ତାବକୁ ମଧ୍ୟ ସଂଘ ପ୍ରତ୍ୟାଖ୍ୟାନ କରିଛି। ସୂଚନା ଅନୁଯାୟୀ, ଚଳିତ ବର୍ଷ ବାଲିଯାତ୍ରାରେ ଦହିବରା ହାଟ ଆୟୋଜନ କରିବା ପାଇଁ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଉପର ପଡ଼ିଆରେ ପ୍ରାୟ ୨୪,୫୦୦ ବର୍ଗଫୁଟ୍ ସ୍ଥାନ ସଂରକ୍ଷିତ ରଖାଯାଇଥିଲା। ଆବେଦନ କରିବା ପରେ ବ୍ୟବସାୟୀମାନଙ୍କୁ ବିନା ମୂଲ୍ୟରେ ସେଠାରେ ଷ୍ଟଲ୍ ଖୋଲିବା ପାଇଁ ପ୍ରଶାସନ ପକ୍ଷରୁ ସୁଯୋଗ ଦିଆଯାଇଥିଲା। ମାତ୍ର ଦହିବରା ବ୍ୟବସାୟୀ ସଂଘ ଏହି ପ୍ରସ୍ତାବରେ ରାଜି ହୋଇନଥିଲା। ଏହି ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ ଦହିବରା ବ୍ୟବସାୟୀ ସଂଘର ସଭାପତି ପ୍ରଦୀପ୍ତ ସାହୁ କହିଛନ୍ତି ଯେ, ଗତ ବର୍ଷ ସମସ୍ତ ଦହିବରା ଷ୍ଟଲକୁ ଗୋଟିଏ ସ୍ଥାନରେ ରଖାଯିବା ଫଳରେ ବ୍ୟବସାୟୀମାନେ ବହୁତ କ୍ଷତି ସହିଥିଲେ। ଗୋଟିଏ ଜାଗାରେ ସମସ୍ତେ ବସିବା ଦ୍ୱାରା ଗ୍ରାହକଙ୍କ ଭିଡ଼ ଭାଗ ଭାଗ ହୋଇଯାଇଥିଲା ଏବଂ ଲୋକେ ସେତେଟା ଆଗ୍ରହ ଦେଖାଇନଥିଲେ। ବିଶେଷ କରି ବଡ଼ ଓ ନାମୀଦାମୀ ଦହିବରା ଦୋକାନୀଙ୍କ ପାଖରେ ଷ୍ଟଲ୍ ପକାଇବାକୁ କ୍ଷୁଦ୍ର ବ୍ୟବସାୟୀମାନେ ଆଗ୍ରହ ପ୍ରକାଶ କରୁନାହାନ୍ତି, କାରଣ ସେମାନଙ୍କ ପାଖକୁ ଗ୍ରାହକ ଆସୁନାହାନ୍ତି। ପ୍ରଶାସନ ମାଗଣାରେ ଜାଗା ଦେଲେ ମଧ୍ୟ ବ୍ୟବସାୟୀଙ୍କ ଆର୍ଥିକ କ୍ଷତି ଭରଣା କରିପାରିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ସେହିପରି ସଂଘର ସମ୍ପାଦକ କେଦାର ସାମଲ କହିଛନ୍ତି ଯେ, କଟକ ସହରରେ ପ୍ରାୟ ୨୦୦ ଜଣ ଦହିବରା ଆଳୁଦମ୍ ବ୍ୟବସାୟୀ ଅଛନ୍ତି। ଗୋଟିଏ ହାଟରେ ବାନ୍ଧି ହୋଇ ରହିବା ପରିବର୍ତ୍ତେ ବ୍ୟବସାୟୀମାନେ ଯେଉଁଠି ଭଲ ବିକ୍ରି ହୋଇପାରିବ, ସେହି ଅନୁସାରେ ନିଜ ସୁବିଧା ମୁତାବକ ଅଲଗା ଅଲଗା ସ୍ଥାନରେ ଷ୍ଟଲ୍ ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି। ଅନ୍ୟପଟେ, କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ କହିଛନ୍ତି ଯେ ପ୍ରଶାସନ ପକ୍ଷରୁ ଉପର ବାଲିଯାତ୍ରା ପଡ଼ିଆରେ ଦହିବରା ହାଟ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ମାତ୍ର ବ୍ୟବସାୟୀମାନେ ସେଠାରେ ଷ୍ଟଲ୍ ଖୋଲିବାକୁ ମନା କରିଦେବା ପରେ, ସଂରକ୍ଷିତ ଥିବା ସେହି ଜାଗାକୁ ଅନ୍ୟ ବ୍ୟବସାୟିକ ଓ ଆନୁଷଙ୍ଗିକ କାର୍ଯ୍ୟ ପାଇଁ ଆବଣ୍ଟନ କରିଦିଆଯାଇଛି।



ପ୍ରଶାସନର ମାଗଣା ଜାଗା ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କଲେ ବ୍ୟବସାୟୀ, ଆର୍ଥିକ କ୍ଷତିକୁ ଦାୟୀ କଲା ସଂଘ



ବାଲିଯାତ୍ରାରେ ଦଳାଚକଟା ରୋକିବାକୁ ସ୍ୱତନ୍ତ୍ର 'ବିପର୍ଯ୍ୟୟ ପରିଚାଳନା ସେଲ୍'

ବାଲିଯାତ୍ରାରେ ଜନଗହଳି ନିୟନ୍ତ୍ରଣ ଏବଂ ଦର୍ଶକଙ୍କ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେଇଛି ଜିଲ୍ଲା ପ୍ରଶାସନ। ଗତବର୍ଷର ଅସମ୍ଭାଳ ଭିଡ଼ ଏବଂ ଦଳାଚକଟା ଭଳି ପରିସ୍ଥିତିରୁ ଶିକ୍ଷା ନେଇ ଚଳିତ ବର୍ଷ ପ୍ରଥମ ଥର ପାଇଁ ମେଳା ପଡ଼ିଆରେ ଏକ ସ୍ୱତନ୍ତ୍ର 'ବିପର୍ଯ୍ୟୟ ପରିଚାଳନା ସେଲ୍' ଗଠନ କରାଯାଇଛି। ଆସନ୍ତା ନଭେମ୍ବର ୨୪ରୁ ଡିସେମ୍ବର ୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ୮ ଦିନିଆ ମହୋତ୍ସବ ପାଇଁ ଏକ ସ୍ୱତନ୍ତ୍ର ଜରୁରୀକାଳୀନ ଯୋଜନା ପ୍ରସ୍ତୁତ ହୋଇଥିବା କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ସୂଚନା ଦେଇଛନ୍ତି।

ପ୍ରଶାସନ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ, ହଠାତ୍ ଭିଡ଼ ବଢ଼ିଲେ କିମ୍ବା କୌଣସି ଅପ୍ରତିକର ପରିସ୍ଥିତି ସୃଷ୍ଟି ହେଲେ ଲୋକଙ୍କୁ ତୁରନ୍ତ ସୁରକ୍ଷିତ ଭାବେ ବାହାର କରିବା ପାଇଁ ସ୍ୱତନ୍ତ୍ର ଇଭାକୁଏସନ୍ ପ୍ଲାନ୍ ପ୍ରସ୍ତୁତ କରାଯାଇଛି। ପଡ଼ିଆର ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ୧୦ରୁ ଅଧିକ ଉଚ୍ଚ ୱାଚ୍ ଟାୱାର ନିର୍ମାଣ କରାଯିବ। ଏହା ସହିତ ଭିଡ଼କୁ ଶୃଙ୍ଖଳିତ କରିବା ଏବଂ ଲୋକଙ୍କ ଯାତାୟାତକୁ ସୁଗମ କରିବା ପାଇଁ ୧୧ଟି ସ୍ୱତନ୍ତ୍ର ଟିମ୍ ନିୟୋଜିତ ରହିବେ। ଅନ୍ୟପଟେ, ଚଳିତ ବର୍ଷ ଉଭୟ ଉପର ଓ ତଳ ପଡ଼ିଆରେ ବାଲିଯାତ୍ରା ଆୟୋଜିତ ହେଉଥିବାରୁ ଏବଂ ପ୍ରାୟ ୧,୮୦୦ରୁ ଅଧିକ ଷ୍ଟଲ୍ ଲାଗୁଥିବାରୁ ଲକ୍ଷାଧିକ ଲୋକଙ୍କ ସମାଗମ ହେବାର ସମ୍ଭାବନା ରହିଛି। ଏହାଛଡ଼ା ଉଦ୍‌ଘାଟନୀ ଉତ୍ସବରେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗଦେବାର କାର୍ଯ୍ୟକ୍ରମ ଥିବାରୁ କମିଶନରେଟ୍ ପୋଲିସ୍ ଏବଂ କଟକ ମହାନଗର ନିଗମ ପକ୍ଷରୁ ସୁରକ୍ଷା, ପାର୍କିଂ ଏବଂ ଟ୍ରାଫିକ୍ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି।

ନଜର ରଖିବ ୧୦ରୁ ଅଧିକ ୱାଚ୍ ଟାୱାର



ପ୍ରସ୍ତୁତି : ସତ୍ୟଜିତ୍ ମହାପାତ୍ର (ସାମ୍ବାଦିକ) / ଅଳଙ୍କରଣ : ମାନସ ରଞ୍ଜନ ମୁଦୁଲି

ଜନବାର୍ତ୍ତା
ସାଭିମାନୀ ଓଡ଼ିଆଙ୍କ ସର
(JANABARTTA SWABHIMANI ODIANKA SWARA)

ରାଜ୍ୟ ସରକାରୀ କର୍ମଚାରୀଙ୍କ ପାଇଁ ବଡ଼ ଖୁସି ଖବର

୩ ପ୍ରତିଶତ ବଢ଼ିଲା ମହଙ୍ଗା ଭତ୍ତା



- ମୋଟ୍ ମହଙ୍ଗା ଭତ୍ତା ୬୦% ରୁ ୬୩% କୁ ବୃଦ୍ଧି
- ୨୦୨୬ ଜୁଲାଇ ୧ ତାରିଖରୁ ପିଛିଲା ଭାବେ ଲାଗୁ, ନଭେମ୍ବର ଦରମାରେ ମିଳିବ ନଗଦ ଅର୍ଥ

ଭୁବନେଶ୍ୱର, ୨୧/୧୧ (ଜେଏନ୍ଏସ୍) : ରାଜ୍ୟ ସରକାରୀ କର୍ମଚାରୀ ଏବଂ ପେନସନଭୋଗୀଙ୍କ ପାଇଁ ରାଜ୍ୟ ସରକାର ଏକ ବଡ଼ ଆର୍ଥିକ ଆଶ୍ୱସ୍ତି ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ରାଜ୍ୟ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ରେ ୩ ପ୍ରତିଶତ ବୃଦ୍ଧି ଘୋଷଣା କରିଛନ୍ତି। ଏହି ନିଷ୍ପତ୍ତି ଫଳରେ କର୍ମଚାରୀଙ୍କ ସମୁଦାୟ ମହଙ୍ଗା ଭତ୍ତା ୬୦ ପ୍ରତିଶତରୁ ୬୩ ପ୍ରତିଶତକୁ ବୃଦ୍ଧି ପାଇଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି କରାଯାଇଥିବା ସୂଚନା ଅନୁଯାୟୀ, ଏହି ବର୍ଦ୍ଧିତ ମହଙ୍ଗା ଭତ୍ତା ୨୦୨୬ ଜୁଲାଇ ପହିଲାରୁ ପିଛିଲା ଭାବେ ଲାଗୁ କରାଯାଇଛି। କର୍ମଚାରୀମାନେ ଚଳିତ ନଭେମ୍ବର ମାସର ଦରମା ସହିତ ଏହି ବର୍ଦ୍ଧିତ ଭତ୍ତା ନଗଦ ଆକାରରେ ପାଇପାରିବେ। ଏହା ସହିତ ଜୁଲାଇରୁ ଅକ୍ଟୋବର ମାସ ପର୍ଯ୍ୟନ୍ତ ବକେୟା ଅର୍ଥ ମଧ୍ୟ ପ୍ରଦାନ କରାଯିବ।

କେବଳ କାର୍ଯ୍ୟରତ କର୍ମଚାରୀ ନୁହଁନ୍ତି, ରାଜ୍ୟର ପେନସନଭୋଗୀ ଓ ପରିବାର ପେନସନଭୋଗୀଙ୍କ ପାଇଁ ମଧ୍ୟ ଅନୁରୂପ ଭାବେ ଟି.ଆଇରେ ୩ ପ୍ରତିଶତ ବୃଦ୍ଧି କରାଯାଇଛି। ସେମାନେ ମଧ୍ୟ ନଭେମ୍ବର ମାସର ପେନସନ ସହିତ ଏହି ବର୍ଦ୍ଧିତ ରାଶି ପାଇବେ। ଅର୍ଥ ବିଭାଗ ପକ୍ଷରୁ ଏ ସମ୍ପର୍କିତ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। କେନ୍ଦ୍ର ସରକାର ନିଜ କର୍ମଚାରୀଙ୍କ ମହଙ୍ଗା ଭତ୍ତା ବୃଦ୍ଧି କରିବା ପରେ ଓଡ଼ିଶା ସରକାର ମଧ୍ୟ ଅନୁରୂପ ପଦକ୍ଷେପ ଗ୍ରହଣ କରିଛନ୍ତି। ବଜାର ଦରଦାମ ବୃଦ୍ଧି ସମୟରେ ସରକାରଙ୍କ ଏହି ନିଷ୍ପତ୍ତି ଦ୍ୱାରା ରାଜ୍ୟର ପ୍ରାୟ ୮.୫ ଲକ୍ଷ ସରକାରୀ କର୍ମଚାରୀ ଏବଂ ପେନସନଭୋଗୀଙ୍କ ପରିବାର ସିଧାସଳଖ ଉପକୃତ ହେବେ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

ଶିକ୍ଷା କ୍ଷେତ୍ରରେ ରାଜ୍ୟ ସରକାରଙ୍କ ବଡ଼ ପଦକ୍ଷେପ

୬ଟି ଜିଲ୍ଲାରେ ଖୋଲିବ ୨୪ଟି ନୂଆ ଏକଲବ୍ୟ ଆଦର୍ଶ ବିଦ୍ୟାଳୟ

- ପଞ୍ଚମ ଓ ଅଷ୍ଟମ ଶ୍ରେଣୀ ପରୀକ୍ଷା ପଦ୍ଧତିରେ ହେଲା ବ୍ୟାପକ ସଂସ୍କାର
- ଗୁଣାତ୍ମକ ଶିକ୍ଷା ଓ ଆଦିବାସୀ ଛାତ୍ରଛାତ୍ରୀଙ୍କ ବିକାଶ ଉପରେ ଗୁରୁତ୍ୱ



ଭୁବନେଶ୍ୱର, ୨୧/୧୧(ଜେଏନ୍ଏସ୍): ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ ଏବଂ ଗୁଣାତ୍ମକ କରିବା ପାଇଁ ଓଡ଼ିଶା ସରକାର ଦୁଇଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଆଦିବାସୀ ବହୁଳ ଅଞ୍ଚଳର ଛାତ୍ରଛାତ୍ରୀଙ୍କୁ ଉନ୍ନତମାନର ଆବାସିକ ଶିକ୍ଷା ଯୋଗାଇ ଦେବା ଲକ୍ଷ୍ୟରେ ରାଜ୍ୟର ୬ଟି ଜିଲ୍ଲାରେ ୨୪ଟି ନୂତନ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଖୋଲିବାକୁ ନିଷ୍ପତ୍ତି ହୋଇଛି। ଏହା ସହିତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍ତରରେ ଶିକ୍ଷାର ମାନ ବଢ଼ାଇବା ପାଇଁ ପଞ୍ଚମ ଏବଂ ଅଷ୍ଟମ ଶ୍ରେଣୀ ପରୀକ୍ଷା ପଦ୍ଧତିରେ ମଧ୍ୟ ବଡ଼ ଧରଣର ପରିବର୍ତ୍ତନ କରାଯାଇଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ପ୍ରତିଷ୍ଠା ହେବାକୁ ଥିବା ଏହି ୨୪ଟି ନୂତନ ଏକଲବ୍ୟ ବିଦ୍ୟାଳୟ ଦ୍ୱାରା ହଜାର ହଜାର ଜନଜାତି ଛାତ୍ରଛାତ୍ରୀ ଉପକୃତ ହେବେ। ଏହି ବିଦ୍ୟାଳୟଗୁଡ଼ିକରେ ଛାତ୍ରଛାତ୍ରୀଙ୍କ ପାଇଁ ମାଗଣା ରହିବା, ଖାଇବା ସହ ଅତ୍ୟାଧୁନିକ ଶିକ୍ଷାଦାନ, ବିଜ୍ଞାନାଗାର, ଡିଜିଟାଲ ଲାଇବ୍ରେରୀ ଏବଂ କ୍ରୀଡ଼ା ଭିତ୍ତିଭୂମିର ବ୍ୟବସ୍ଥା ରହିବ। ଦୁର୍ଗମ ଅଞ୍ଚଳର ପିଲାମାନଙ୍କୁ ଜାତୀୟ ସ୍ତରର ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ କରିବା ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ। ଅନ୍ୟପଟେ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ପଞ୍ଚମ ଏବଂ ଅଷ୍ଟମ ଶ୍ରେଣୀର ମୂଲ୍ୟାଙ୍କନ ଓ ପରୀକ୍ଷା ପଦ୍ଧତିରେ ପରିବର୍ତ୍ତନ ଅଣାଯାଇଛି। ନୂତନ ନିୟମ ଅନୁଯାୟୀ, କେବଳ ପୁସ୍ତକଗତ ଜ୍ଞାନ ପରିବର୍ତ୍ତେ ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ବିକାଶ ଏବଂ ବିଷୟବସ୍ତୁକୁ ବୁଝିବାର କ୍ଷମତା ଉପରେ ଅଧିକ ଗୁରୁତ୍ୱ ଦିଆଯିବ। ନିୟମିତ ବ୍ୟବଧାନରେ ହେଉଥିବା ଆଭ୍ୟନ୍ତରୀଣ ମୂଲ୍ୟାଙ୍କନ ଏବଂ ବାର୍ଷିକ ପରୀକ୍ଷାର ଢାଞ୍ଚାକୁ ଅଧିକ ସ୍ୱଚ୍ଛ ଓ ଛାତ୍ରଛାତ୍ରୀ ଉପଯୋଗୀ କରାଯାଇଛି। ଶିକ୍ଷାବିତ୍ ଓ ଅଭିଭାବକ ମହଲରେ ସରକାରଙ୍କ ଏହି ଦୁଇଟି ପଦକ୍ଷେପକୁ ସ୍ୱାଗତ କରାଯାଇଛି। ଏହାଦ୍ୱାରା ଗ୍ରାମାଞ୍ଚଳ ଓ ଆଦିବାସୀ ଅଞ୍ଚଳର ଶିକ୍ଷା କ୍ଷେତ୍ରରେ ଏକ ବଡ଼ ପରିବର୍ତ୍ତନ ଆସିବ ବୋଲି ଆଶା କରାଯାଉଛି।

ଉପରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମ ବର୍ଜନକୁ ନେଇ ରାଜ୍ୟ ରାଜନୀତି ସରଗରମ

ଶାସକ-ବିରୋଧୀ ମୁହାଁମୁହିଁ

ଭୁବନେଶ୍ୱର,୨୧/୧୧ : ଉପରାଷ୍ଟ୍ରପତି ଶ୍ରୀ ସି.ପି. ରାଧାକୃଷ୍ଣନଙ୍କ ଓଡ଼ିଶା ଗସ୍ତ ଅବସରରେ ଭୁବନେଶ୍ୱରଠାରେ ଆୟୋଜିତ ଓଡ଼ିଶା ବିଧାନସଭା ସଦସ୍ୟମାନଙ୍କ ଓରିଏଣ୍ଟେସନ୍ (ପ୍ରଶିକ୍ଷଣ) କାର୍ଯ୍ୟକ୍ରମକୁ ନେଇ ରାଜ୍ୟ ରାଜନୀତିରେ ତୀବ୍ର ବିବାଦ ଦେଖାଦେଇଛି। ଏହି ସରକାରୀ କାର୍ଯ୍ୟକ୍ରମରେ ବିରୋଧୀ ବିଜେଡି ଏବଂ କଂଗ୍ରେସ ବିଧାୟକମାନଙ୍କ ଅନୁପସ୍ଥିତିକୁ ନେଇ ଶାସକ ଓ ବିରୋଧୀ ଦଳ ମଧ୍ୟରେ ଆରୋପ-ପ୍ରତ୍ୟାରୋପ ଜୋରଦାର ହୋଇଛି। ଭୁବନେଶ୍ୱରର ଏକ ଘରୋଇ ହୋଟେଲରେ ଆୟୋଜିତ ସପ୍ତଦଶ ଓଡ଼ିଶା ବିଧାନସଭାର ସଦସ୍ୟମାନଙ୍କ ଏକଦିବସୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଉପରାଷ୍ଟ୍ରପତି ଉଦ୍‌ଘାଟନ କରିଥିଲେ। ଏଥିରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀ ଏବଂ ଶାସକ ବିଜେପିର ବିଧାୟକମାନେ ଉପସ୍ଥିତ ଥିଲେ। ତେବେ କଂଗ୍ରେସ ପକ୍ଷରୁ ପୂର୍ବରୁ ଏହି କାର୍ଯ୍ୟକ୍ରମକୁ ବୟକଟ୍ ଘୋଷଣା କରାଯାଇଥିବା ବେଳେ ବିଜେଡି ବିଧାୟକମାନେ ମଧ୍ୟ ଏଥିରୁ ଦୂରେଇ ରହିଥିଲେ। କେବଳ କଂଗ୍ରେସ ବିଧାୟିକା ସୋଫିଆ ଫିର୍ଦ୍ଦୋସ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବା ଦେଖିବାକୁ ମିଳିଥିଲା। ଏହି ଘଟଣାକୁ ନେଇ ଶାସକ ବିଜେପି ବିରୋଧୀ ଦଳଗୁଡ଼ିକୁ କଡ଼ା ସମାଲୋଚନା କରିଛି। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ପ୍ରତିକ୍ରିୟା ରଖି କହିଛନ୍ତି ଯେ, ବିଧାନସଭାର କାର୍ଯ୍ୟଧାରା ଓ ସଂସଦୀୟ ପରମ୍ପରା ଶିଖିବା ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ସୁଯୋଗ ଥିଲା। କାର୍ଯ୍ୟକ୍ରମରୁ ଦୂରେଇ ରହି ବିଜେଡି ଓ କଂଗ୍ରେସ କେବଳ ଏକ ଭଲ ସୁଯୋଗ ହରାଇ ନାହାନ୍ତି, ବରଂ ଦେଶର ଉପରାଷ୍ଟ୍ରପତିଙ୍କ ଭଳି ଏକ ସର୍ବୋଚ୍ଚ ସାମ୍ବିଧାନିକ ପଦବୀକୁ ଅସମ୍ମାନ କରିଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ, ବିରୋଧୀ ଦଳଗୁଡ଼ିକ ସରକାରଙ୍କ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି। କଂଗ୍ରେସ ନେତୃବୃନ୍ଦଙ୍କ କହିବା ଅନୁଯାୟୀ, ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତିଙ୍କ ପ୍ରତି ସେମାନଙ୍କର ଯଥେଷ୍ଟ ସମ୍ମାନ ରହିଛି, କିନ୍ତୁ ବର୍ତ୍ତମାନର ସରକାରରେ ନିର୍ବାଚିତ ବିଧାୟକମାନଙ୍କୁ ଉଚିତ୍ ସମ୍ମାନ ମିଳୁନାହିଁ। ବିରୋଧୀ ବିଧାୟକମାନେ ଗୃହ କାର୍ଯ୍ୟ ପରିଚାଳନାରେ ପୂର୍ବରୁ ଅଭିଜ୍ଞ ଥିବା ବେଳେ ଶାସକ ଦଳର ନୂଆ ବିଧାୟକମାନଙ୍କୁ ହିଁ ପ୍ରଶିକ୍ଷଣର ଅଧିକ ଆବଶ୍ୟକତା ରହିଛି ବୋଲି କଂଗ୍ରେସ କଟାକ୍ଷ କରିଛି। ସେହିପରି ବିଜେଡି ମଧ୍ୟ ସରକାରୀ କାର୍ଯ୍ୟକ୍ରମ ପରିଚାଳନା ଓ ବିରୋଧୀଙ୍କୁ ଅଣଦେଖା କରାଯାଉଥିବା ପ୍ରସଙ୍ଗ ଉଠାଇ କାର୍ଯ୍ୟକ୍ରମରୁ ଦୂରେଇ ରହିଥିବା ଜଣାପଡ଼ିଛି। ଉପରାଷ୍ଟ୍ରପତିଙ୍କ ଭଳି ଏକ ଅଣରାଜନୈତିକ ସାମ୍ବିଧାନିକ କାର୍ଯ୍ୟକ୍ରମକୁ ନେଇ ଶାସକ ଓ ବିରୋଧୀଙ୍କ ମଧ୍ୟରେ ସୃଷ ହୋଇଥିବା ଏହି ବିବାଦ ଏବେ ବିଧାନସଭା ଭିତରେ ଓ ବାହାରେ ଚର୍ଚ୍ଚାର ବିଷୟ ପାଲଟିଛି।

ବିଧାନସଭା ଶୀତକାଳୀନ ଅଧିବେଶନରେ ତୁମୁଳ ହଟ୍ଟଗୋଳ

ବନ୍ୟା ଓ ସୀମା ବିବାଦକୁ ନେଇ ସରକାରଙ୍କୁ ଘେରିଲେ ବିରୋଧୀ



- ଗୃହର ମଧ୍ୟଭାଗକୁ ଆସି ନାରାବାଜି ଓ ଧାରଣା; ପ୍ରଶ୍ନକାଳ ବାଧାପ୍ରାପ୍ତ

ଭୁବନେଶ୍ୱର,୨୧/୧୧(ଜେଏନ୍ଏସ୍): ଓଡ଼ିଶା ବିଧାନସଭାର ଚଳିତ ଶୀତକାଳୀନ ଅଧିବେଶନରେ ବିଭିନ୍ନ ଜନସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗକୁ ନେଇ ଶାସକ ବିଜେପି ଏବଂ ବିରୋଧୀ ବିଜେଡି ଓ କଂଗ୍ରେସ ମଧ୍ୟରେ ତୀବ୍ର ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। ବିରୋଧୀ ଦଳର ସଦସ୍ୟମାନଙ୍କ ପ୍ରବଳ ହଟ୍ଟଗୋଳ ଓ ନାରାବାଜି ଯୋଗୁଁ ଗୃହ କାର୍ଯ୍ୟ ବାରମ୍ବାର ବାଧାପ୍ରାପ୍ତ ହୋଇଛି।

ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିଜେଡି ବିଧାୟକମାନେ ଗଞ୍ଜାମ ବନ୍ୟା ପରିଚାଳନାରେ ସରକାରୀ ବିଫଳତା ଓ ବିପନ୍ନଙ୍କୁ ସହାୟତା ପ୍ରଦାନରେ ବିଳମ୍ବ ଅଭିଯୋଗ ଆଣି ଗୃହର ମଧ୍ୟଭାଗକୁ ମାଡ଼ି ଆସିଥିଲେ। ସେହିପରି କଂଗ୍ରେସ ସଦସ୍ୟମାନେ ଆନ୍ଧ୍ରପ୍ରଦେଶ ସହ ଲାଗି ରହିଥିବା କୋଟିଆ ସୀମା ବିବାଦ, ଚାଷୀଙ୍କ ଜମିଜମା ସମସ୍ୟା ଏବଂ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ସରକାରଙ୍କ ବିରୋଧରେ ପ୍ରବଳ ନାରାବାଜି କରିବା ସହ ବାଚସ୍ପତିଙ୍କ ପୋଡିୟମ୍ ତଳେ ଧାରଣା ଦେଇଥିଲେ।

ବିରୋଧୀ ଦଳଗୁଡ଼ିକ ଅଭିଯୋଗ କରିଛନ୍ତି ଯେ, ରାଜ୍ୟ ସରକାର ବିପର୍ଯ୍ୟୟ ପରିଚାଳନା ଏବଂ ସୀମାନ୍ତ ଅଞ୍ଚଳର ସୁରକ୍ଷା ଦିଗରେ ଆବଶ୍ୟକୀୟ ପଦକ୍ଷେପ ନେବାରେ ବିଫଳ ହୋଇଛନ୍ତି। ଅନ୍ୟପକ୍ଷରେ, ଶାସକ ବିଜେପି ପକ୍ଷରୁ ବିରୋଧୀଙ୍କ ଏହି ଆଚରଣକୁ କଡ଼ା ସମାଲୋଚନା କରାଯାଇଛି। ମନ୍ତ୍ରୀ ଓ ଶାସକ ଦଳର ବିଧାୟକମାନେ କହିଛନ୍ତି ଯେ, ସରକାର ସବୁ ପ୍ରସଙ୍ଗରେ ଗୃହରେ ଆଲୋଚନା କରିବାକୁ ପ୍ରସ୍ତୁତ ଅଛନ୍ତି, କିନ୍ତୁ ବିରୋଧୀ ଦଳ ଜାଣିଶୁଣି ଗୃହ କାର୍ଯ୍ୟକୁ ଅଚଳ କରି ଲୋକଙ୍କ ପ୍ରସଙ୍ଗରୁ ନଜର ହଟାଇବାକୁ ଚେଷ୍ଟା କରୁଛନ୍ତି। ହଟ୍ଟଗୋଳ ଯୋଗୁଁ ପ୍ରଶ୍ନକାଳ ସ୍ୱାଭାବିକ ଭାବେ ଚାଲିପାରିନଥିବା ବେଳେ ବାଚସ୍ପତି ଗୃହକୁ ଅପରାହ୍ନ ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ। ଅପରାହ୍ନ ଅଧିବେଶନରେ ଅତିରିକ୍ତ ବଜେଟ୍ ଓ ଅନ୍ୟାନ୍ୟ ସରକାରୀ ବିଲ୍ ଉପରେ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଥିଲେ ହେଁ, ବିରୋଧୀଙ୍କ ଆଭିମୁଖ୍ୟକୁ ନେଇ ଗୃହରେ ଉତ୍ତେଜନା ଲାଗି ରହିଛି।

ଲକ୍ଷାଧିକ ଟଙ୍କାମଲ୍ୟର କୃଷି ଯନ୍ତ୍ରପାତି ଚୋରୀ

ନିମାପଡ଼ା, ୨୧/୧୧ (ଜେଏନ୍ଏସ୍) : ନିମାପଡ଼ା ଥାନା ଅଧିନସ୍ଥ ପାଟପୁର ସାମିଲ କିଆକଣ୍ଟାରେ ଥିବା ବୈରାଗୀ ଛାଟୋଇଙ୍କ କୃଷି ଫାର୍ମ ହାଉସରୁ ଲକ୍ଷାଧିକ ଟଙ୍କା ମଲ୍ୟର କୃଷି ଓ ଯନ୍ତ୍ର ପାତି, ବୈଦ୍ୟୁତିକ ସାମଗ୍ରୀ ଚୋରୀ ହୋଇଯାଇଥିବା ନିମାପଡ଼ା ଥାନାରେ ଅଭିଯୋଗ ହୋଇଛି। ମିଳିଥିବା ସଚଜନାରୁ ପ୍ରକାଶ ବୈଣଶଗୀ ଛାଟୋଇଙ୍କୁ ଗ୍ରାମନିକଟରେ ଏକ କୃଷିଫାର୍ମ ସହ କୁକୁଡ଼ା ଫାର୍ମ ରହିଛି। ସେହି ଫାର୍ମ ମୁଖ୍ୟଫାଟକର ତାଲାଭାଙ୍ଗି ଦୁର୍ବୃତ୍ତମାନେ ଷ୍ଟାଣ୍ଡ ଫ୍ୟାନ ଓ ସିଲିଂଫ୍ୟାନ ୮ଟା ଫାର୍ମ ମଧ୍ୟରେ ଥିବା ବିଦ୍ୟୁତ ୬୦ ମିଟର , ଦୁଇ ବଣ୍ଡଳ ବିଦ୍ୟୁତ ସର୍ଭିସ ତାର ଓ ଧାନକଟା ମେସିନ , ଧାନ ବାଡ଼ିମେସିନରରେ ଲାଗିଥିବା ମଟର ସମସ୍ତ ଯନ୍ତ୍ରାଶଂସହ ନଟବୋଲଟ ଏବଂ ରେଞ୍ଚି ଇତ୍ୟାଦିକୁ ଖୋଲି ନେଇଯାଇଥିବା ପୁଲିସରେ ଅଭିଯୋଗ କରିଛନ୍ତି ଏବଂ ଫାର୍ମରେ ଥିବା ସମସ୍ତ ଯନ୍ତ୍ରଓ ଯନ୍ତ୍ରପାତିର ଫଟ ଦାଖଲ କରିଛନ୍ତି ।ଫାର୍ମ ହାଉସରୁ ଜୋରୀ ହୋଇଥିବା ଜିନିଷର ମଉଲ୍ୟ ଆନୁମାନିକ ଦୁଇ ଲକ୍ଷ ଟଙ୍କା ହେବବୋଲି ଫାର୍ମ ହାଉସର ମାଲିକ ବୈରାଗୀ ଛାଟୋଇ ପୁଲିସରେ କରିଥିବା ଅଭିଯୋଗ ରେ ଦର୍ଶାଇଛନ୍ତି। ପୁଲିସ ଘଟଣାର ତଦନ୍ତ ଚଳାଇଛି।

ଭାଇଚାରା ଓ ନୂତନ ବନ୍ଧୁତ୍ୱ ସୃଷ୍ଟି କରିଥାଏ ବନ୍ଧୁମିଳନ : ମନ୍ତ୍ରୀ ସୁରେଶ ପୂଜାରୀ

ବିଜୟା ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ



ନୀଳଗିରି, ୨୧/୧୧(ଜେଏନ୍ଏସ୍): ରାଜ୍ୟ ସରକାରଙ୍କ ଜଣେ ଦକ୍ଷ ରାଜନେତା ଏବଂ ବର୍ତ୍ତମାନ ର ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଙ୍କ ଉପସ୍ଥିତି ରେ ଶନିବାର ନୀଳଗିରି ଡାକବଙ୍ଗଳା ପରିସର ରେ ଦିବସ ବ୍ୟାପୀ ବିଜୟା ବନ୍ଧୁ ମିଳନ ସମାରୋହ ୨୦୨୬ ଧୁମଧାମ ରେ ଅନୁଷ୍ଠିତ ହୋଇଯାଇଛି। ଦିବସବ୍ୟାପୀ କାର୍ଯ୍ୟକ୍ରମର ଶେଷ ପର୍ଯ୍ୟାୟ ସଂଧ୍ୟା କାର୍ଯ୍ୟକ୍ରମ ରେ ମନ୍ତ୍ରୀ ଶ୍ରୀ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଥମେ ଅସ୍ତ୍ର ପୂଜନ କରିବା ସହିତ ପ୍ରଦୀପ ପ୍ରଜ୍ଜଳନ କରିଥିଲେ। ଏଭଳି ବିଜୟା ବନ୍ଧୁମିଳନ ସମାରୋହ ଭାଇଚାରା ଓ ନୂତନ ବନ୍ଧୁତ୍ୱ ସୃଷ୍ଟି କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସୁରେଶ ପୂଜାରୀ ଙ୍କୁ ସମାରୋହ କମିଟି ତରଫ ରୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କମିଟିର ସଭାପତି ତଥା ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ କାର୍ଯ୍ୟକ୍ରମ ରେ ସଭାପତିତ୍ୱ କରିବା ସହ ଅସତ୍ୟ, ଅନ୍ୟାୟ, ଦୁର୍ନୀତି, ବ୍ୟଭିଚାର ଭଳି ରାକ୍ଷସୀ ପ୍ରକୃତି କୁ ବିନାଶ କରି , 'ବସୁଧୈବ କୁଟୁମ୍ବକଂ ' ସମଗ୍ର ବିଶ୍ୱ ଏକ ପରିବାର ଓ ବିଶ୍ୱ ବନ୍ଧୁତ୍ୱ ର ଭାବନା ଜାଗ୍ରତ କରିବାର ଏଭଳି ସମାରୋହ ଆୟୋଜନ କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରିଥିଲେ । ବନ୍ଧୁମିଳନ କମିଟିର ସଦସ୍ୟ ଚନ୍ଦ୍ରବିନ୍ଦୁ ଦାସ, ମାର୍ତ୍ତଣ୍ଡ ମହାପାତ୍ର, ଚନ୍ଦ୍ର ଶେଖର ନନ୍ଦ ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦଳର ବିଭିନ୍ନ ନେତୃବର୍ଗ, ବୁଦ୍ଧିଜୀବୀ, ଶିକ୍ଷାବିତ୍ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସମାରୋହରେ ପାଖାପାଖି ପାଞ୍ଚ ହଜାରରୁ ଉର୍ଦ୍ଧ୍ୱ ଜନସମାଗମ ହୋଇଥିଲା। କଣ୍ଠଶିଳ୍ପୀ ଉପାସନା ସାହୁଙ୍କ ଦ୍ୱାରା ଭଜନ ପରିବେଷଣ କାର୍ଯ୍ୟକ୍ରମକୁ ହଜାର ହଜାର ଦର୍ଶକ ମନଭରି ଉପଭୋଗ କରିଥିଲେ।

ବାଲେଶ୍ୱରରେ ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ ଦିବସ -୨୦୨୬ ପାଳିତ



ବାଲେଶ୍ୱର, ୨୧/୧୧ (ଜେଏନ୍ଏସ୍) : ସନ୍ଧ୍ୟା ୬.୦୦ ଘଟିକା ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଅଡିଟୋରିୟମ ଗୃହରେ ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ ଦିବସ-୨୦୨୬ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଆୟୋଜନ କରାଯାଇଥିଲା। ଚଳିତ ବର୍ଷର ବିଷୟବସ୍ତୁ ଥିଲା - "ସାମ୍ବାଦିକତା: ଲୋକପ୍ରିୟତା ବନାମ କର୍ତ୍ତବ୍ୟବୋଧ"। ଏହି ସଭାରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀଯୁକ୍ତ ତପନ କୁମାର ଖୁଣ୍ଟିଆ ସଭାପତିତ୍ୱ କରିଥିଲେ । ସାମ୍ବାଦିକ ଏତେ ଶକ୍ତି ଶାଳୀ ଯେ, ସେ ଜଣେ ମହାପୁରୁଷ ଏବଂ ଗୋଟିଏ ରାଷ୍ଟ୍ର ତିଆରି କରିପାରେ ବୋଲି ଅତିରିକ୍ତ ଜିଲ୍ଲାପାଳ ମହୋଦୟ ତାଙ୍କ ବକ୍ତବ୍ୟରେ କହିଥିଲେ । ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ପୌରପାଳିକାର ଅଧକ୍ଷା ଶ୍ରୀମତୀ ସବିତା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପ୍ରେସ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଲୋକପ୍ରିୟତା ପଛରେ ନ ଧାଇଁ ସତ୍ୟ, ନିରପେକ୍ଷ, ଦାୟିତ୍ୱପୂର୍ଣ୍ଣ ଓ ସତ୍ୟ ଆଧାରିତ ସମ୍ବାଦ ପରିବେଷଣ କରିବା ପାଇଁ ସାମ୍ବାଦିକ ମାନଙ୍କୁ ଅନୁରୋଧ କରିଛନ୍ତି । ଏହି ଅବସରରେ ମାନ୍ୟବର ବାଲେଶ୍ୱର ସାଂସଦଙ୍କ ପ୍ରତିନିଧି ଶ୍ରୀଯୁକ୍ତ ଶ୍ରୀନିବାସ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସେ ସଠିକ ଓ ନିର୍ଭୀକ ଭାବେ ସମ୍ବାଦ ପରିବେଷଣ କରିବା ପାଇଁ ସାମ୍

ଜିରୋ କାଜୁଆଲିଟି ଆମ ସମସ୍ତଙ୍କ ପ୍ରାଥମିକତା : ଉପ ମୁଖ୍ୟମନ୍ତ୍ରୀ



ନିମାପଡ଼ା, ୨୧/୧୧(ଜେଏନଏସ ବାତ୍ୟା ଆକଓ୍ୱାନ ପରିପ୍ରେକ୍ଷୀରେ ଆଜି ସଂଦ୍ୟାରେ ନିମାପଡ଼ା ଗସ୍ତରେ ଆସି ବ୍ଲକ ଅଫିସରେ ବସି ସ୍ଥାନୀୟ ପ୍ରାସନ ସହିତ ଉଦ୍ଧାର,ଥଇଥାନ ଓ ରିଲିଫ୍ କାର୍ଯ୍ୟର ସମୀକ୍ଷା କରିଛନ୍ତି ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା। ବିଶେଷ କରି ସରକାର ଙ୍କ ର ଯେଉଁ ଲକ୍ଷ୍ୟ ରହିଛି ଜିରୋ କାଜୁଆଲିଟି ବା ଶୂନ୍ୟ ମୃତ୍ୟୁ ତାହାକୁ କଡାକଡି ଭାବେ ଅନୁପାଳନ କରିବାକୁ ଉପ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।ବିପଦ ପୂର୍ଣ୍ଣ ଅଞ୍ଚଳ ଓ ଖାଲୁଆ ଅଞ୍ଚଳ ରେ ରହୁଥିବା ଲୋକ ମାନଙ୍କୁ, କଚା ଓ ବିପଦଜନକ ଗୃହ ରେ ରହୁଥିବା ଲୋକ ମାନଙ୍କୁ, ନିରାପଦ ଆଶ୍ରୟସ୍ଥଳ ମାନଙ୍କୁ ଯଥାଶୀଘ୍ର ସ୍ଥାନାନ୍ତର, ସେମାନଙ୍କ ପାଇଁ ଯଥାସମ୍ଭବ ସୁବିଧା ଯେପରି ସୁରକ୍ଷିତ ବାତ୍ୟା ଆଶ୍ରୟସ୍ଥଳ, ଆଲୋକ, ପାଣି, ଶୌଚାଳୟ ବ୍ୟବସ୍ଥା,ରନ୍ଧା ଖାଦ୍ୟ ବ୍ୟବସ୍ଥା, ଚିକିତ୍ସା ସୁବିଧା ଇତ୍ୟାଦି କୁ ସୁନିଶ୍ଚିତ କରିବାକୁ ଉପ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ସେହିପରି ଗର୍ଭବତୀ ମହିଳା ବିଶେଷ କରି ପ୍ରସବ ସମୟ ନିକଟ ହୋଇ ଆସୁଥିବା ମାଆ ମାନଙ୍କୁ ଚିକିତ୍ସାଳୟ କୁ ସ୍ଥାନାନ୍ତର କରିବା, ଅନ୍ୟ ଗର୍ଭବତୀ ମା, ଛୋଟ ପିଲା,ବୟସ୍କ, ଭିନ୍ନକ୍ଷମ ମାନଙ୍କ ପ୍ରତି ଯତ୍ନ ବାନ ହେବା, ଗୃହପାଳିତ ପଶୁ ମାନଙ୍କ ପାଇଁ ଖାଦ୍ୟ ଓ ଆଶ୍ରୟସ୍ଥଳ ବ୍ୟବସ୍ଥା କରିବା, ରାସ୍ତା ଅବରୋଧ କରି ଗଛ,ଡାଳ ଇତ୍ୟାଦି ପଡ଼ିଲେ ତାହାର ତ୍ୱରିତ ଅପସାରଣ ବ୍ୟବସ୍ଥା, ବିଦ୍ୟୁତ କଟିଲେ ଲାଇଟ୍ ବ୍ୟବସ୍ଥା କରିବା,ଜଳ ଉତ୍ସରୁ ଜଳ ସଫା କରି ଜଳ ପ୍ଲାବନ କୁ ସୁନିଶ୍ଚିତ କରିବା,ଝୁଲା ବିଦ୍ୟୁତ ତାର ଓ ଦୁର୍ବଳ ବିଦ୍ୟୁତ ଖୁଣ୍ଟ ନୂତନଭାବେ ସ୍ଥାପନ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଏବଂ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ନିମାପଡ଼ା ବ୍ଲକର ବଡ଼ଶିରୁବଳା ଓ ବଡ଼ମାଛପୁର ଠାରେ ତିବା ବାତ୍ୟାଆଶ୍ରୟ ସ୍ଥଳିର ସ୍ଥିତ ପରୀକ୍ଷାକରିବାକୁ ସେଠାକୁ ଯାଇଥିଲେ। ତାଙ୍କ ସହିତ ତାଙ୍କ ପ୍ରତିନିଧି ଯଚିନ୍ଦ୍ର ସ୍ୱାଇଁ, ସାଂସଦ ପ୍ରତିନିଧିମୀନଲତା ମହାନ୍ତି ଗ୍ରସ୍ତକରିଥିଲେ । ବ୍ଲଅଫିସ ସମୀକ୍ଷା ବେଳେ ବିଡ଼ିଓ,ଅଭିଜିତ ଷଡ଼ଙ୍ଗୀ,ତହସିଲଦାର ମନୋଜ କୁମାର ପ୍ରଦାନ, ଆଇଆଇସି ସନ୍ତୋଷ ପାଇକରାୟ, ଏନ.ଏ.ସି ନିର୍ବାହୀ ଅଧିକାରୀ ଚିନ୍ମୟ ଦାସ, ପୂର୍ତ୍ତ କୃଷି , ପୂର୍ତ୍ତ, ସ୍ୱାସ୍ଥ୍ୟ ଓ ଶିକ୍ଷା ବିଭାଗର ଅଧିକାରୀମାନେ ମାନଙ୍କ ଠାରୁ ବାତ୍ୟା କଣ ପଦକ୍ଷେପ ନିଆଯାଇଛି ପଚାରି ବୁଝିଇଥିଲେ। ନିମାପନା ବ୍ଲକରେ ୬୩ଟି ଏନ.ଏସି୭ଟି ଆଶ୍ରୟ ସ୍ଥଳି ଖୋଲାଯାଇଛି। ଆଶ୍ରୟନେଇଥିବା ପରିବାରଙ୍କୁ ମାଗଣାରେ ର ଖାଦ୍ୟ ଦିଆଯାଉଛି। ଡ଼ାକ୍ତଖାନାରେ ଥିବା ରୋଗୀ ଏବଂ ଗର୍ଭବତୀମହିଳା ତାଙ୍କୁ ଶିଶୁମାନଙ୍କୁ କାଧ ଦେବାପାଇଁ ଡ଼ାକ୍ତଙ୍କୁ କହିଥିଲେ। ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ାଙ୍କ ସୁପାରିଷ କ୍ରମେ ଗୋଟିଏ ଓଡ୍ରାଫ ଟିମ ଏବଂ ଆଉଗୋଟିଏ ଜଙ୍ଗଲ ବିଭାଗ ସ୍ୱତନ୍ତ୍ର ଟିମ ନିମାପଡ଼ା ରେ ଅଛନ୍ତି।

ନଦୀ କୂଳିଆ ଲୋକଙ୍କୁ ସତର୍କ କଲା ପ୍ରସାସନ

ଶେରଗଡ଼, ୨୧/୧୧ (ଜେଏନ୍ଏସ୍) : ସମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ ଶେରଗଡ଼ ବ୍ଲକର ୨୨ ଟି ପଞ୍ଚାୟତରେ ଜଣେ ଲେଖାଁଏ ନୋଡାଲ ଅଧିକାରୀଙ୍କୁ ନିଯୁକ୍ତ କରାଯାଇଛି ।ଘୋଡ଼ାହାଡ଼ ଡ୍ୟାମରୁ ଜଳ ନିସ୍କାସନ ହେବାରୁ ନଦୀର ଜଳସ୍ତର ବଢ଼ିବାରେ ଲାଗିଛି । କୁରୂଳା, ଠୁରୁବାଗାଇ ପଞ୍ଚାୟତ ନଦୀ କୂଳରେ ଥିବାରୁ ବିଡିଓ ତୃପ୍ତିମୟୀ ଜେନା ଓ ତହସିଲଦାର ତ୍ରିଦେବ ରଥ ସେଠାରେ ପହଞ୍ଚି ପରିସ୍ଥିତି ଅନୁଧାନ କରିବା ସଙ୍ଗେ ସଙ୍ଗେ ନଦୀ କୂଳରେ ଘର କରି ରହୁଥିବା ଲୋକଙ୍କୁ ସ୍କୁଲରେ ହୋଇଥିବା ଆଶ୍ରୟସ୍ଥଳୀକୁ ଯିବାକୁ ପରାମର୍ଶ ଦିଆଯାଇଛି ଏବଂ ଗୃହପାଳିତ ପଶୁଙ୍କୁ ଉଚ୍ଚ ସ୍ଥାନକୁ ନେଇଯିବା ପାଇଁ ମଧ କୁହାଯାଇଛି । ବିଡିଓ ଓ ତହସିଲଦାର ଲକ୍ଷ୍ମୀପୁର ଗ୍ରାମକୁ ଯାଇ ସେଠାର ଲୋକଙ୍କୁ ସତର୍କ ରହିବା ପାଇଁ କହିଛନ୍ତି ।ଆଶ୍ରୟସ୍ଥଳୀର ସ୍ଥିତି ଓ ଆନୁଷଙ୍ଗିକ ବ୍ୟବସ୍ଥା ବିଷୟରେ ଆଶ୍ରୟସ୍ଥଳୀ ପରିଚାଳନା କମିଟି ଓ ସରପଞ୍ଚ ଭୀମସେନ ଚୌଧୁରୀ, କାହ୍ନୁ ଚରଣ ପଟ୍ଟନାୟକ ଓ ଗଣେଶ ପ୍ରଧାନଙ୍କ ସହ ବିଡିଓ ଓ ତହସିଲଦାର ଆଲୋଚନା କରି କହିଛନ୍ତି ଯେପରି କୌଣସି ଲୋକଙ୍କର ଅସୁବିଧା ନ ହୁଏ ଏବଂ ନଦୀକୂଳକୁ ନ ଯିବାପାଇଁ ସଚେତନ କରାଇ ସେଥିପ୍ରତି ନଜର ରଖିବା ପାଇଁ ପରାମର୍ଶ ଦେଇଛନ୍ତି ।

ଶିଶୁଙ୍କ ହସ ଓ ଉଲ୍ଲାସରେ କମ୍ପିଲା ପ୍ରାଣନାଥ ହାଇସ୍କୁଲ, ଧୁମ୍‌ଧାମରେ ପାଳିତ ହେଲା ଶିଶୁ ଦିବସ

ଖୋର୍ଦ୍ଧା, ୨୧/୧୧ (ଜେଏନ୍ଏସ୍) : ଶିଶୁଙ୍କ ହସରେ ମୁଖରିତ ହେଲା ବିଦ୍ୟାଳୟ ପରିସର। କେଉଁଠି ଗୀତର ମୂର୍ଚ୍ଛନା ତ ଆଉ କେଉଁଠି ନୃତ୍ୟର ତାଳ, ପୁଣି କେଉଁଠି ଖେଳକୁଦର ଉତ୍ସାହ। ଏଭଳି ଆନନ୍ଦମୟ ପରିବେଶ ମଧ୍ୟରେ ଜଟଣୀସ୍ଥିତ ପ୍ରାଣନାଥ ହାଇସ୍କୁଲରେ ଧୁମ୍‌ଧାମରେ ପାଳିତ ହୋଇଛି ଶିଶୁ ଦିବସ। ହେଡମିଷ୍ଟ୍ରେସ ଶ୍ରୀମତୀ ମରିୟମ ସିଦିକାଙ୍କ ନେତୃତ୍ୱରେ ଆୟୋଜିତ ଏହି ଉତ୍ସବରେ ପିଲାମାନଙ୍କ ମୁହଁରେ ଖୁସି ଓ ଉତ୍ସାହ ସ୍ପଷ୍ଟ ବାରି ହୋଇପଡ଼ିଥିଲା। ପ୍ରତିବର୍ଷ ନଭେମ୍ବର ୧୪ ତାରିଖକୁ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଜନ୍ମଦିନ ଉପଲକ୍ଷେ ଶିଶୁ ଦିବସ ଭାବେ ପାଳନ କରାଯାଏ। ଶିଶୁମାନଙ୍କ ପ୍ରତି ନେହେରୁଙ୍କ ଗଭୀର ସ୍ନେହ ଓ ମମତା ପାଇଁ ସେ ପିଲାମାନଙ୍କ ନିକଟରେ 'ଚାଚା ନେହେରୁ' ଭାବେ ପରିଚିତ ଥିଲେ। ଶିଶୁମାନେ ଦେଶର ଭବିଷ୍ୟତ ହୋଇଥିବାରୁ ସେମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ସୁରକ୍ଷା ଓ ସାମଗ୍ରିକ ବିକାଶକୁ ସେ ସର୍ବଦା ଗୁରୁତ୍ୱ ଦେଉଥିଲେ। ପିଲାମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ସହ ସେମାନଙ୍କୁ ଜଣେ ଦାୟିତ୍ୱବାନ ନାଗରିକ ଭାବେ ଗଢ଼ିତୋଳିବାର ବାର୍ତ୍ତା ହିଁ ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ।

ବିଦ୍ୟାଳୟରେ ସକାଳୁ ପହଞ୍ଚିଥିବା ଛାତ୍ରଛାତ୍ରୀଙ୍କୁ ଚନ୍ଦନ ଟୀକା ଲଗାଇ ଓ ଫୁଲ ପକାଇ ସ୍ୱାଗତ କରାଯାଇଥିଲା। ପରେ ନେତାଜୀଙ୍କ ଫଟୋଚିତ୍ରରେ ପୁଷ୍ପାଞ୍ଜଳି ଅର୍ପଣ କରାଯାଇଥିଲା।ରୋଜି ଦିଦିଙ୍କ ସ୍ୱାଗତ ସମ୍ବର୍ଧଣ ପରେ ଉତ୍ସବର ଶୁଭାରମ୍ଭ ହୋଇଥିଲା। ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ପିଲାମାନଙ୍କୁ ଜୀବନରେ ଲକ୍ଷ୍ୟ ସ୍ଥିର କରି ନିଷ୍ଠା ଓ ଆତ୍ମବିଶ୍ୱାସର ସହ ଆଗକୁ ବଢ଼ିବାକୁ ପରାମର୍ଶ ଦେଇଥିଲେ। ଶ୍ରୀମତୀ ଗୀତାଞ୍ଜଳି ସାହୁ ଙ୍ଗରାଜୀ ଭାଷାରେ ଅଭିଭାଷଣ ଦେଇ ଛାତ୍ରଛାତ୍ରୀଙ୍କୁ ବିଶେଷ ଭାବେ ଉତ୍ସାହିତ କରିଥିଲେ। ହେଡମିଷ୍ଟ୍ରେସ ମରିୟମ ସିଦିକା ନେତାଜୀଙ୍କ ଜୀବନୀ, ସଂଘର୍ଷ ଓ ଦେଶପ୍ରେମ ଉପରେ ଆଲୋକପାତ କରିଥିଲେ। ଏହାପରେ ଷଷ୍ଠରୁ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ନେତାଜୀଙ୍କ ସମ୍ପର୍କରେ ନିଜ ନିଜର ମତ ଓ ଅଭିଭାଷଣ ରଖିଥିଲେ। ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ପକ୍ଷରୁ ପିଲାମାନଙ୍କୁ ଚକୋଲେଟ୍ ଓ କଲମ ଉପହାର ଦିଆଯାଇଥିଲା।

ସାଂସ୍କୃତିକ କାର୍ଯ୍ୟକ୍ରମରେ ପିଲାମାନେ ଆଧ୍ୟାତ୍ମିକ, ଦେଶାତ୍ମବୋଧକ, ଓଡ଼ିଆ ଓ ହିନ୍ଦୀ ସଙ୍ଗୀତ ପରିବେଷଣ କରିଥିଲେ। ଗୀତ ଓ ନୃତ୍ୟରେ ବିଦ୍ୟାଳୟ ପରିସର ଉତ୍ସବମୁଖର ହୋଇଉଠିଥିଲା। ଅନିଲଙ୍କ ସମେତ କେତେକ ଛାତ୍ର ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ଶିକ୍ଷାଦାନ ଶୈଳୀ ଓ ବ୍ୟକ୍ତିତ୍ୱକୁ ଅଭିନୟ ମାଧ୍ୟମରେ ଉପସ୍ଥାପନ କରି ସମସ୍ତଙ୍କୁ ହସାଇଥିଲେ। ଏହି ନିଆରା ପ୍ରୟାସ ଉତ୍ସବରେ ହସର ମାହୋଲ ସୃଷ୍ଟି କରିଥିଲା। ଉତ୍ସବର ଶେଷ ପର୍ଯ୍ୟାୟରେ ପାସିଂ ବଲ୍ ଓ ବେଲୁନ୍ ଫୁଟା ଭଳି ମନୋରଞ୍ଜନଧର୍ମୀ ଖେଳ ପ୍ରତିଯୋଗିତା ହୋଇଥିଲା। ବିଜୟୀ ଛାତ୍ରଛାତ୍ରୀଙ୍କୁ କଲମ ଉପହାର ଦେଇ ପୁରସ୍କୃତ କରାଯାଇଥିଲା। ପାଠପଢ଼ାର ଗମ୍ଭୀରତା ମଧ୍ୟରେ ଏଭଳି ଆନନ୍ଦ ଓ ମନୋରଞ୍ଜନର ମୁହୂର୍ତ୍ତ ପିଲାମାନଙ୍କ ପାଇଁ ଅବିସ୍ମରଣୀୟ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମଧୁଚନ୍ଦ୍ର ଭଗତ, ହେଡମିଷ୍ଟ୍ରେସ ଶ୍ରୀମତୀ ମରିୟମ ସିଦିକା, ଶ୍ରୀମତୀ ଗୀତାଞ୍ଜଳି ସାହୁ, ଦୀପିକା କୁମାରୀ ପ୍ରଧାନ, ଲକ୍ଷ୍ମୀ ମହାରଣା, ସୁଜାତା ସାହୁ, ସଞ୍ଜୟ ପ୍ରଧାନ, ରୋଜିସ୍ମିତା ଦାସ, ନୂତନ ନାୟକ, ପ୍ରକାଶ କୁମାର ତରାଇ, ଚନ୍ଦ୍ରଶେଖର ବେହେରା ଓ ସ୍ୱାଶତ ବେହେରାଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ରହି ଉତ୍ସବର ସଫଳ ଆୟୋଜନରେ ସହଯୋଗ କରିଥିଲେ।

ନୀଳଗିରିରେ ଜାତୀୟ ପ୍ରେସଦିବସ ପାଳିତ

ନୀଳଗିରି, ୨୧/୧୧ (ଜେଏନ୍ଏସ୍) : ନୀଳଗିରି ଉପଖଣ୍ଡ ସଦରମହକୁମା ସ୍ଥିତ ସାମ୍ବାଦିକ ପ୍ରକୋଷ୍ଠରେ ଜାତୀୟ ପ୍ରେସଦିବସ ପାଳିତ ହୋଇଯାଇଛି ।ଏଥିରେ ବରିଷ୍ଠ ସାମ୍ବାଦିକ ରବି ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିବାବେଳେ ସମ୍ମାନିତଅତିଥି ଭାବେ କବି ତଥା ପଣ୍ଡିତ ସତ୍ୟବ୍ରତ ମିଶ୍ର , ଲେଖକ ତଥା ବଣସୀମା ଆଞ୍ଚଳିକ ବିକାଶପରିଷଦର ସମ୍ପାଦକ ଅମରେନ୍ଦ୍ର ନାୟକ, ମୁଖ୍ୟବକ୍ତା ଭାବେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଦେବର୍ଷି ନାରଦଙ୍କ ଫୋଟୋଚିତ୍ର ନିକଟରେ ଧୂପଦୀପ ଦାନପରେ କାର୍ଯ୍ୟାରମ୍ଭ ହୋଇଥିଲା। ସାମ୍ବାଦିକ ବିଜୟ କୁମାର ଲେଙ୍କାଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ବ୍ରଜକିଶୋର ଶ୍ରୀ ନାୟକ ଏହି ମହାନ୍ ତଥା ଦାୟିତ୍ୱପୂର୍ଣ୍ଣ ମହତ୍ତ୍ୱକାର୍ଯ୍ୟର ଗମ୍ଭୀରତା ଉପରେ ଖୁବସୁନ୍ଦର ଅବତାରଣା କରିଥିଲେ। ମୁଖ୍ୟବକ୍ତା ଶ୍ରୀ ବିଶ୍ୱାଳ ଆଜିର ସାମ୍ପ୍ରତିକ ପରିସ୍ଥିତିରେ ସମାଜର ବିବର୍ତ୍ତନ, ଗଣମାଧ୍ୟମର ଘନତ୍ୱ ଓ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ।ସାମ୍ବାଦିକ ସମ୍ବିଧାନର ୪ର୍ଥସ୍ତମ୍ଭ ତାହାର ଭୂମିକା ଓ ମର୍ଯ୍ୟାଦା ଖୁବ୍ ମହାନ୍ ବୋଲି ମଧ୍ୟ ମତ ରଖିଥିଲେ। ମୁଖ୍ୟଅତିଥି ତଥା ବରିଷ୍ଠ ସାମ୍ବାଦିକ ଶ୍ରୀ ରାଉତ ସମାଜର ପରିବର୍ତ୍ତନର ବାହକ ସାମ୍ବାଦିକ, ସମାଜରେ ପ୍ରତି ମୁହୂର୍ତ୍ତରେ ଘଟୁଥିବା ଘଟଣାବଳିକୁ ବଳିଷ୍ଠ ତଥା ନିର୍ଭୀକ ଏବଂ ସଠିକ୍ ଭାବେ ଉପସ୍ଥାପନକରିବା ନିଜର କର୍ତ୍ତବ୍ୟ ବୋଲି ମତରଖିବା ସହ ଶାସନ ପ୍ରଶାସନ ମଧ୍ୟରେ ସମନ୍ୱୟ ରକ୍ଷାକରିବା ଉପରେ ଗୁରୁତ୍ୱ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ସମରେନ୍ଦ୍ର ବାରିକ ଜାତୀୟ ପ୍ରେସଦିବସ ପାଳନ ଅବସରରେ ପାଣି ସଭାପତିତ୍ୱ କରିବା ସହିତ ଅତିଥିପରିଚୟ ପ୍ରଦାନ କରିଥିଲେ। ପରେ ପଣ୍ଡିତ ଶ୍ରୀ ମିଶ୍ର ଓ ନିଜ ମତପ୍ରକାଶ କରିବା ସଙ୍ଗେସଙ୍ଗେ ଉପଖଣ୍ଡ ସ୍ତରରେ ଏହି ଦିବସ ପାଳନ ନିମନ୍ତେ ସରକାରଙ୍କ ଦୃଷ୍ଟିଆକର୍ଷଣ କରିବାକୁ ସମସ୍ତ ବନ୍ଧୁମାନଙ୍କ ସହଯୋଗ ଲୋଡ଼ିଥିଲେ। ତେବେ ଆଜିର ଆଲୋଚନାରେ ବିଶେଷକରି ନୀଳଗିରିରେ କାର୍ଯ୍ୟରତ ସାମ୍ବାଦିକମାନଙ୍କର ପଦମର୍ଯ୍ୟାଦାକୁ ଜିଲ୍ଲା କିମ୍ବା ଉପଖଣ୍ଡ ପ୍ରଶାସନ ବୈମାତୃକ ଦୃଷ୍ଟିରେ ଦେଖୁଥିବା କ୍ଷୋଭର ସହ ପ୍ରକାଶ କରିଥିଲେ । ନାହିଁ ନାହିଁରେ ଚାଲିଥିବା କାର୍ଯ୍ୟାଳୟର ଅବସ୍ଥା ଶୋଚନୀୟ ହୋଇପଡ଼ିଥିବା ବେଳେ ଜଣେ ମାତ୍ର ଅଧିକାରୀ କାର୍ଯ୍ୟରତ ଅଛନ୍ତି। ଏଠାରେ ପାନୀୟଜଳ ବ୍ୟବସ୍ଥା ନଥିବା ସହିତ ସ୍ୱତନ୍ତ୍ର ପାଠାଗାର, ଶୌଚାଳୟ, ଫ୍ୟାନ କିମ୍ବା ଏସିର ବ୍ୟବସ୍ଥା ନାହିଁ। କାର୍ଯ୍ୟାଳୟ ପରିସର ଅପନ୍ତରା ହୋଇପଡ଼ିଥିବା ବେଳେ ବିଲ୍ଡିଙ୍ଗର ଅଧିକାଂଶ ସ୍ଥାନରେ କଂକ୍ରିଟ ଖସିପଡ଼ିଥିବା ଅଭିଯୋଗ କରିଥିଲେ।

ବାତ୍ୟା ଅକଓ୍ୱାନର ମୁକାବିଲା ପାଇଁ ଆଶ୍ରୟ ସ୍ଥଳ ପ୍ରସ୍ତୁତି

ନିମାପଡ଼ା, ୨୧/୧୧ (ଜେଏନ୍ଏସ୍) : ସମ୍ଭାବ୍ୟ ବାତ୍ୟା 'ଅକବାନ୍'କୁ ଦୃଷ୍ଟିରେ ରଖି ନିମାପଡ଼ା ଏନ.ଏ ସି ପକ୍ଷରୁ ପରିଷଦ ଅନ୍ତର୍ଗତ ବିଭିନ୍ନ ସ୍ଥାନ୭ଟି ବହୁମୁବାତ୍ୟା ଅସ୍ଥାୟୀ ଆଶ୍ରୟସ୍ଥଳ କରାଯାଇଛି। ବାତ୍ୟାପାଇଁ ବିପଦ ଥିବା ପରିଷଦର ବିଭିନ୍ନ ୱାର୍ଡ଼ ସାଂସଦ ପ୍ରତିନିଧି ମୀନଲତା ମହାନ୍ତି ପରିଦର୍ଶନକରି ପରିବାରବର୍ଗମାନଙ୍କୁ ଭେଟି ସେମାନଙ୍କ ପାଇଁ ପରିଷଦ ପକ୍ଷରୁ କରାଯାଇଥିବା ବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ । ପରିଷଦର ୭ଟି ଅସ୍ଥାୟୀଭାବେ କରାଯାଇଥିବା ବାତ୍ୟା ଆଶ୍ରୟସ୍ଥଳରେ ରହୁଥିବା ପରିବାରଙ୍କୁ ଦିଆଯାଉଥିବା ରନ୍ଧା ଖାଦ୍ୟ ପରିବେଷଣ କରିବାସହ ତଦାରଖ କରିଥିଲେ। ପରିଷଦ ନିର୍ବାହୀ ଅଧିକାରୀଙ୍କ ନେଇ ବାତ୍ୟା ଆଶ୍ରୟ ସ୍ଥଳ ପରିଦର୍ଶନ କରି ବିଦ୍ୟୁତ ଆଲୋକ, , ପରିମଳ ବ୍ୟବସ୍ଥାସହ ଔଷଧ ବିତରଣ କେନ୍ଦ୍ର ଆଶ୍ରୟସ୍ଥଳରେ ଖୋଲିବାକୁ ଦାବୀ କରିଥିଲେ।

ନିମାପଡ଼ା କଲେଜରେ ୩୨ତମ ଜାତୀୟ ରସାୟନ ବିଜ୍ଞାନ ସମ୍ମିଳନୀ ଉଦ୍‌ଘାଟିତ



ନିମାପଡ଼ା, ୨୧/୧୧ (ଜେଏନ୍ଏସ୍) : ନିମାପଡ଼ା କଲେଜ ପରିସରରେ ରସାୟନ ବିଜ୍ଞାନୀମାନଙ୍କର ୩୨ତମ ଜାତୀୟ ଦୁଇ ଦିନିଆ ସମ୍ମିଳନୀ ଉଦ୍‌ଘାଟିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ଡ. ରାଜ କିଶୋର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ସମ୍ମିଳନୀକୁ ଉଦଘାଟନ କରିବା ସହ ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ବୈଜ୍ଞାନିକମାନଙ୍କୁ ସ୍ୱାଗତ କରିଥିଲେ। "ସ୍ଥାୟୀ ବିକାଶ ପାଇଁ ରସାୟନ ବିଜ୍ଞାନର ଅଗ୍ରଗତି" ବିଷୟବସ୍ତୁ ଉପରେ ଆଧାରିତ ଏହି ସମ୍ମିଳନୀରେ ନିମ୍ନଲିଖିତ ପ୍ରମୁଖ ଗବେଷଣା ଉପସ୍ଥାପିତ ହୋଇଥିଲା। ଏନ.ଆଇ.ଟି ପ୍ରଫେସର ଡ. ପ୍ରିୟବ୍ରତ ଦାଶ ନାନୋ ପ୍ରକ୍ରିୟାକରଣ ମାଧ୍ୟମରେ ଜଳରୁ ଅତି ଶସ୍ତାରେ ସୁରକ୍ଷିତ ସଂରକ୍ଷଣ ଓ ପରିବହନ: ଆଇ.ଏମ୍.ଏମ୍.ଟି ଭୁବନେଶ୍ୱରର ବୈଜ୍ଞାନିକ ଡ. ମମତା ମହାପାତ୍ର ଆତ୍ମନିର୍ଭର ଭାରତ ଯୋଜନା ଅଧୀନରେ ହାଇଡ୍ରୋଜେନର ନିରାପଦ ଗଚ୍ଛିତ ଏବଂ ପରିବହନ ସମ୍ପର୍କରେ ତଥ୍ୟ ରଖିଥିଲେ। ଦୂଷିତ ଜଳର ପୁନଃବ୍ୟବହାର: ସି.ଏସ୍.ଆଇ.ଆର୍-ଆଇ.ଏମ୍.ଏମ୍.ଟି ବୈଜ୍ଞାନିକ ଡ. ସୁମିତ ଶାହା ଦୂଷିତ ଜଳକୁ ବିଶୋଧନ କରି କପଡ଼ା, ଚମଡ଼ା, କ୍ରୋମାଇଟ୍ ଶିଳ୍ପ ତଥା କୃଷି ଓ ଫାର୍ମା କ୍ଷେତ୍ରରେ ବ୍ୟବହାର କରିବାର ଉପାୟ ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରସାୟନ ବିଜ୍ଞାନ ସୋସାଇଟିର ସଭାପତି ଡ. ପ୍ରଶାନ୍ତ କୁମାର ଦାଶ, ଉପସଭାପତି ଡ. ପ୍ରିୟରଞ୍ଜନ ମହାପାତ୍ର, ସମ୍ପାଦକ ଅନିତା ପତି ଓ କୋଷାଧ୍ୟକ୍ଷ ବିଜ୍ଞାନ ରଞ୍ଜନ ଜାଲି ପ୍ରମୁଖ ଉପସ୍ଥିତ ଥିଲେ। ରସାୟନ ବିଜ୍ଞାନ ବିଭାଗର ମୁଖ୍ୟ ଅକ୍ଷୟ କୁମାର କର ସ୍ୱାଗତ ଭାଷଣ ଦେଇଥିବା ବେଳେ ସହଦେବ ପରିଡ଼ା ଏବଂ ପ୍ରାଶାସନିକ ଅଧିକାରୀ ଡ. ରବିନ୍ଦ୍ର କୁମାର ପାଢ଼ୀ ସମ୍ମିଳନୀ ପରିଚାଳନାରେ ସହଯୋଗ କରିଥିଲେ।

ରାଶିଫଳ

ମେଷ : ଏହି ସପ୍ତାହରେ କର୍ମକ୍ଷେତ୍ରରେ ନୂତନ ସୁଯୋଗ ମିଳିପାରେ। ଆର୍ଥିକ ସ୍ଥିତିରେ ସୁଧାର ଆସିବାର ସମ୍ଭାବନା ରହିଛି। ପାରିବାରିକ ଜୀବନରେ ସୁଖ ଓ ଶାନ୍ତି ବଜାୟ ରହିବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହୁଅନ୍ତୁ।

ବୃଷ : ସପ୍ତାହଟି ଆପଣଙ୍କ ପାଇଁ ଶୁଭଫଳଦାୟକ ହେବାର ସମ୍ଭାବନା ରହିଛି। ବ୍ୟବସାୟରେ ଲାଭ ଏବଂ ଚାକିରିରେ ପଦୋନ୍ନତିର ସୁଯୋଗ ମିଳିପାରେ। ପରିବାରରେ ମାଙ୍ଗଳିକ କାର୍ଯ୍ୟର ଆୟୋଜନ ହୋଇପାରେ।

ମିଥୁନ : ଆପଣଙ୍କ ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଛାତ୍ରଛାତ୍ରୀଙ୍କୁ ପାଠପଢ଼ାରେ ଭଲ ସଫଳତା ମିଳିପାରେ। ନୂତନ ଯୋଜନା ଓ ରଚନାତ୍ମକ କାର୍ଯ୍ୟରେ ଆଗ୍ରହ ବଢ଼ିବ। ପ୍ରେମ ସମ୍ପର୍କରେ ମଧୁରତା ରହିବ।

କର୍କଟ : ସପ୍ତାହର ଆରମ୍ଭରୁ କିଛି ନୂତନ ଦାୟିତ୍ୱ ମିଳିପାରେ। ଆର୍ଥିକ କାରବାରରେ ସତର୍କତା ଅବଲମ୍ବନ କରନ୍ତୁ। ପରିବାରର ବୟସ୍କ ବ୍ୟକ୍ତିଙ୍କ ସହଯୋଗ ଓ ପରାମର୍ଶ ମିଳିବ। ମାନସିକ ଚାପରୁ ଦୂରେଇ ରୁହନ୍ତୁ।

ସିଂହ : କର୍ମକ୍ଷେତ୍ରରେ କାର୍ଯ୍ୟଚାପ ବଢ଼ିପାରେ, ଧୈର୍ଯ୍ୟ ରଖନ୍

ଏ ସପ୍ତାହରେ

ପ୍ରମୁଖ ଖବର

✦ **ଢେଙ୍କାନାଳ କାଉନ୍ସିଲର ନିଖୋଜ** : ଢେଙ୍କାନାଳ ପୌରପାଳିକା ୩ ନମ୍ବର ୱାର୍ଡ କାଉନସିଲର ଅଭିମନ୍ୟୁ ପଣ୍ଡା ନିଖୋଜ; ଟାଉନ ଥାନାରେ ଅପହରଣ ଅଭିଯୋଗ ଆଣିଲେ ପରିବାର ଲୋକେ।

✦ **ତିନି ଡାକ୍ତର ନିଲମ୍ବିତ** : କାର୍ଯ୍ୟରେ ଅବହେଳା ଏବଂ ଅସଦାଚରଣ ଅଭିଯୋଗରେ ରାଜ୍ୟ ସରକାରଙ୍କ ଦ୍ୱାରା ତିନି ଜଣ ଡାକ୍ତର ନିଲମ୍ବିତ।

✦ **କାଠଯୋଡ଼ିରେ ନୂଆ ସେତୁ** : କଟକ କାଠଯୋଡ଼ି ନଦୀରେ ନିର୍ମାଣ ହେବ ଆଉ ଏକ ନୂଆ ସେତୁ; ୧୫୪ କୋଟି ଟଙ୍କାର ପ୍ରକଳ୍ପ ନେଇ ସୂଚନା।

✦ **ମାଲକାନଗିରିରୁ କଇଁଛ ଜବତ** : ମାଲକାନଗିରି ଜିଲ୍ଲାରୁ ୩୯୦ଟି ବିରଳ ପ୍ରଜାତିର କଇଁଛ ଜବତ କଲା ବନ ବିଭାଗ।

✦ **ବୌଦ୍ଧ ବାବୁ ହତ୍ୟାକାଣ୍ଡ ତଦନ୍ତ** : ବହୁଚର୍ଚ୍ଚିତ ବୌଦ୍ଧ ବାବୁ ହତ୍ୟା ମାମଲାରେ ସିସିଟିଭି ଫୁଟେଜ୍ ଆଧାରରେ ଜଙ୍ଗଲ ଭିତରେ ପୋଲିସ କମାଣ୍ଡୋଙ୍କ ସର୍ଚ୍ଚ ଅପରେସନ୍ ଜାରି।

✦ **ପାରାଦୀପ ପୋଲିସକୁ ସଫଳତା** : ପାରାଦୀପ ଲକ୍ ଥାନା ପୋଲିସ ପକ୍ଷରୁ ଚୋରି ହୋଇଥିବା ବହୁ ସଂଖ୍ୟକ ମୋବାଇଲ୍ ଫୋନ୍, ବାଇକ୍ ଓ ସାଇକେଲ୍ ଜବତ।

✦ **ବିହାରରେ ନୂଆ ସେତୁ ଉଦ୍‌ଘାଟନ** : ବିହାରର ବୈଶାଳୀ ଜିଲ୍ଲାରେ ଗଙ୍ଗା ନଦୀ ଉପରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ନାମରେ ନାମିତ ସେତୁର ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ।

✦ **ନିଖିଳ ଗୁପ୍ତାଙ୍କୁ ଜେଲ୍ ଦଣ୍ଡ** : ଖଲିସ୍ତାନୀ ଆତଙ୍କବାଦୀ ପନ୍ନୁ ହତ୍ୟା ଷଡ଼ଯନ୍ତ୍ର ମାମଲାରେ ଭାରତୀୟ ନାଗରିକ ନିଖିଳ ଗୁପ୍ତାଙ୍କୁ ୨୩୫ ମାସର ଜେଲ୍ ଦଣ୍ଡାଦେଶ ଶୁଣାଇଲେ ଆମେରିକା କୋର୍ଟ।

✦ **ଦିଲ୍ଲୀରେ ବାୟୁପ୍ରଦୂଷଣ** : ଦିଲ୍ଲୀ-ଏନସିଆରରେ ପୁଣି ବିଗିଡ଼ିଲା ବାୟୁର ମାନ; ଏକ୍ୟୁଆଇ ୨୭ ୯ ସହ 'ଖରାପ' ଶ୍ରେଣୀରେ ରେକର୍ଡ।

✦ **ସ୍ପାଇସଜେଟ୍‌କୁ ନୋଟିସ୍** : ବିମାନ ବାତିଲ ନେଇ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ ପକ୍ଷରୁ ସ୍ପାଇସଜେଟ୍‌କୁ କାରଣ ଦର୍ଶାଅ ନୋଟିସ୍ ଜାରି।

✦ **ସୁନା ଦରରେ ହ୍ରାସ** : ଭୁବନେଶ୍ୱର ବଜାରରେ ସୁନା ଦର ହ୍ରାସ; ୨୨ କ୍ୟାରେଟ୍ ସୁନା ୧୦ ଗ୍ରାମ ପିଛା ୧.୧୫ ଲକ୍ଷ ଟଙ୍କାକୁ ଖସିଲା।

ADVERTISEMENT TARIFF	
FULL PAGE FRONT	Rs. 1,00,000.00
FULL PAGE BACK	Rs. 80,000.00
FULL PAGE COVER	Rs. 80,000.00
FULL PAGE INNER	Rs. 80,000.00
HALF PAGE FR/BK	Rs. 80,000.00
QUARTER PAGE	Rs. 25,000.00
EAR PANEL FRONT	Rs. 5,000.00
EAR PANEL BACK	Rs. 5,000.00



ୱେଲିଂଟନ ଟେଷ୍ଟ

ଭାରତୀୟ ବ୍ୟାଟରଙ୍କ ଦବ୍‌ଦବା

ରାହୁଲଙ୍କ ଶତକ, ଶତକରୁ ୨ ରନ୍ ଦୂରରେ ରହିଗଲେ ଅଧିନାୟକ ଗିଲ୍

ୱେଲିଂଟନ, ୨୧/୧୧ : ୱେଲିଂଟନର ବେସିନ୍ ରିଜର୍ଭ ଷ୍ଟାଡିୟମଠାରେ ଚାଲିଥିବା ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଭାରତୀୟ ଦଳ ନିଜର ସ୍ଥିତିକୁ ଅତ୍ୟନ୍ତ ମଜବୁତ କରିଛି। ମ୍ୟାଚ୍‌ର ତୃତୀୟ ଦିନ ଶନିବାର ଦିନ ଭାରତୀୟ ବ୍ୟାଟରମାନେ ଘରୋଇ ବୋଲରଙ୍କ ଉପରେ ସମ୍ପୂର୍ଣ୍ଣ ପ୍ରାଧାନ୍ୟ ବିସ୍ତାର କରି ଗୋଟିଏ ଦିନରେ ୩୨୭ ରନ୍ ସଂଗ୍ରହ କରିଛନ୍ତି। ଦିନର ଖେଳ ଶେଷ ସୁଦ୍ଧା ଭାରତ ପ୍ରଥମ ଇନିଂସରେ ୪ ୱିକେଟ୍ ହରାଇ ୪୮୬ ରନ୍ କରିଥିବା ବେଳେ ନ୍ୟୁଜିଲାଣ୍ଡର ପ୍ରଥମ ଇନିଂସ ସ୍କୋର (୩୬୮ ରନ୍) ଠାରୁ ୧୧୮ ରନ୍‌ରେ ଆଗୁଆ ରହିଛି।

ଗତକାଲିର ଅସମାପ୍ତ ସ୍କୋର ୧୫୯/୨ ରୁ ଖେଳ ଆରମ୍ଭ କରିଥିବା ଭାରତ ପାଇଁ ଓପନର କେ.ଏଲ୍. ରାହୁଲ ଏବଂ ଦେବଦତ୍ତ ପାଡିକଲ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ କରିଥିଲେ। ଉଭୟଙ୍କ ମଧ୍ୟରେ ଦ୍ୱିତୀୟ ୱିକେଟ୍ ପାଇଁ ୧୬୫ ରନ୍‌ର ଗୁରୁତ୍ୱପୂର୍ଣ୍ଣ ଭାଗୀଦାରି ଗଢ଼ି ଉଠିଥିଲା। ପାଡିକଲ ୧୭୫ ବଲ୍‌ରୁ ୧୦ଟି ଚୌକା ସହାୟତାରେ ୮୦ ରନ୍ କରି କାଇଲ୍ ଜାମିସନଙ୍କ ବଲ୍‌ରେ ଆଉଟ୍ ହୋଇଥିଲେ। ଅନ୍ୟପଟେ ରାହୁଲ ନିଜ ଟେଷ୍ଟ କ୍ୟାରିୟରର ୧୩ତମ ଶତକ ପୂରଣ କରିଥିଲେ। ସେ ୨୯୦ ବଲ୍‌ରୁ ୯ଟି ଚୌକା ଓ ୨ଟି ଛକା ବଳରେ ୧୩୬ ରନ୍‌ର ଲଡୁଆ ଇନିଂସ ଖେଳି ନାଥନ ସ୍ମିଥଙ୍କ ଶିକାର ହୋଇଥିଲେ। ଏହି ଶତକ ସହ ରାହୁଲ ସମସ୍ତ 'ଝରଘଇ' ଦେଶ (ଦକ୍ଷିଣ ଆଫ୍ରିକା, ଇଂଲଣ୍ଡ, ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆ) ରେ ଶତକ ହାସଲ କରିବାରେ ପ୍ରଥମ ଭାରତୀୟ ଓପନର ହେବାର ଗୌରବ ଅର୍ଜନ କରିଛନ୍ତି।

ରାହୁଲଙ୍କ ବିଦାୟ ପରେ ଅଧିନାୟକ ଶୁଭମନ ଗିଲ୍ ଏବଂ ଆହତ ସମସ୍ୟାରୁ ଦଳକୁ ଫେରିଥିବା ୱିକେଟକିପର ବ୍ୟାଟର ରଷଭ ପନ୍ତ ଆକ୍ରମଣାତ୍ମକ ଶୈଳୀରେ ବ୍ୟାଟିଂ କରିଥିଲେ। ଗିଲ୍ ମାତ୍ର ୧୪୬ ବଲ୍‌ରୁ ୯ଟି ଚୌକା ଓ ୨ଟି ଛକା ମାରି ଶତକର ଅତି ନିକଟତର ହୋଇଥିଲେ। ମାତ୍ର ଦିନର ଅନ୍ତିମ ଓଭରରେ ଜାକବ ଡଫିଙ୍କ ବଲ୍‌ରେ ୯୮ ରନ୍ କରି ବୋଲ୍ଡ ହେବାରୁ ସେ ମାତ୍ର ୨ ରନ୍ ପାଇଁ ଶତକରୁ ବଞ୍ଚିତ ହୋଇଥିଲେ। ଷ୍ଟମ୍ପ୍ସ ଅପସାରଣ ବେଳକୁ ରଷଭ ପନ୍ତ ୬୨ ବଲ୍‌ରୁ ୫୫ ରନ୍ (୫ ଚୌକା, ୨ ଛକା) ଏବଂ ନାଇଟ୍ ୱାଚମ୍ୟାନ୍ ଅଂଶୁଲ କାମ୍ବୋଜ ୦ ରନ୍ କରି ଅପରାଜିତ ରହିଛନ୍ତି।

- ✦ ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ଭାରତ ୪୮୬/୪; ପ୍ରଥମ ଇନିଂସରେ ୧୧୮ ରନ୍‌ର ଗୁରୁତ୍ୱପୂର୍ଣ୍ଣ ଅଗ୍ରଣୀ
- ✦ ଐତିହାସିକ ଶତକ (୧୩୬ ରନ୍) ସହ ନୂଆ ରେକର୍ଡ କଲେ କେ.ଏଲ୍. ରାହୁଲ
- ✦ ପାଡିକଲ (୮୦) ଓ ପନ୍ତ (୫୫)ଙ୍କ ଅର୍ଦ୍ଧଶତକ; କିୱି ବୋଲର ନିଷ୍ପ୍ରଭ

ମ୍ୟାଚ୍‌ର ସଂକ୍ଷିପ୍ତ ସ୍କୋର :
ନ୍ୟୁଜିଲାଣ୍ଡ (ପ୍ରଥମ ଇନିଂସ): ୩୬୮ ଅଲ୍ ଆଉଟ୍ (ହେନରୀ ନିକୋଲ୍ସ ୧୭୫ଅ, ଗ୍ଲେନ୍ ଫିଲିପ୍ସ ୧୧୮; ଜସପ୍ରୀତ ବୁମ୍ରା ୪/୯୨, ଆକାଶ ଦୀପ ୩/୫୩। ଭାରତ (ପ୍ରଥମ ଇନିଂସ): ୧୨୫ ଓଭରରେ ୪୮୬/୪ (କେ.ଏଲ୍. ରାହୁଲ ୧୩୬, ଶୁଭମନ ଗିଲ୍ ୯୮, ଯଶସ୍ୱୀ ଜୟସ୍ୱାଲ ୮୫, ଦେବଦତ୍ତ ପାଡିକଲ ୮୦, ରଷଭ ପନ୍ତ ୫୫) ।

ପ୍ରେକ୍ଷାଳୟକୁ ଆସୁଛି 'ଅପସରା' ଓ 'ଅନ୍ତର୍ଯ୍ୟାମୀ'

ଭୁବନେଶ୍ୱର, ୨୧ /୧୧(ଜେଏନ୍‌ଏସ୍): ଚଳିତ ମାସ ଶେଷ ସପ୍ତାହରେ ଓଡ଼ିଆ ଚଳଚ୍ଚିତ୍ର ଜଗତ (ଓଲିଉଡ୍) ରେ ଏକ ବଡ଼ ଧରଣର ସିନେମାଟିକ୍ ଲଢ଼େଇ ଦେଖିବାକୁ ମିଳିବ। ଆସନ୍ତା ଶୁକ୍ରବାର ଅର୍ଥାତ୍ ନଭେମ୍ବର ୨୭ ତାରିଖରେ ରାଜ୍ୟର ବିଭିନ୍ନ ପ୍ରେକ୍ଷାଳୟରେ ଏକାସାଙ୍ଗରେ ମୁକ୍ତିଲାଭ କରିବାକୁ ଯାଉଛି ଦୁଇଟି ବଡ଼ ବଜେଟ୍ ଓ ବହୁପ୍ରତୀକ୍ଷିତ ଓଡ଼ିଆ ଫିଲ୍ମ— 'ଅପସରା' ଏବଂ 'ଅନ୍ତର୍ଯ୍ୟାମୀ' । ଗୋଟିଏ ଦିନରେ ଓଲିଉଡର ଦୁଇ ଲୋକପ୍ରିୟ ତାରକା ବର୍ଷା ପ୍ରିୟଦର୍ଶିନୀ ଏବଂ ବାବୁସାନ୍ ମହାନ୍ତିଙ୍କ ଫିଲ୍ମ ରିଲିଜ୍ ହେଉଥିବାରୁ ସିନେପ୍ରେମୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି।

'ଅପସରା' : ବର୍ଷାଙ୍କ ନୂଆ ଅବତାର - ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କ ପ୍ରସ୍ତୁତି ତଥା ବିଦିଶା କ୍ରାଫ୍ଟ୍ ବ୍ୟାନରରେ ନିର୍ମିତ ଚଳଚ୍ଚିତ୍ର 'ଅପସରା – ବର୍ଣ୍ଣ ଟୁ ରାଇଜ୍' ଦର୍ଶକଙ୍କ ପାଇଁ ଏକ ଭିନ୍ନ ଧରଣର କାହାଣୀ ନେଇ ଆସୁଛି। ବିଜୟ କୁମାର କାନ୍ଦୋଇଙ୍କ ପ୍ରଯୋଜିତ ଓ ବବି ଇସଲାମଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ପ୍ରେମ, ପ୍ରତାରଣା, ପ୍ରତିଶୋଧ ଏବଂ ଭାଗ୍ୟର ଏକ ରୋମାଞ୍ଚକର କାହାଣୀ ଦେଖିବାକୁ ମିଳିବ। ଅନ୍ୟପଟେ, ସୁପରଷ୍ଟାର ବାବୁସାନ୍ ମହାନ୍ତିଙ୍କ ବହୁଚର୍ଚ୍ଚିତ ଫିଲ୍ମ 'ଅନ୍ତର୍ଯ୍ୟାମୀ – କର୍ମା ଆୱେଟ୍ସ ୟୁ' ମଧ୍ୟ ନଭେମ୍ବର ୨୭ରେ ବିଶ୍ୱବ୍ୟାପୀ ମୁକ୍ତିଲାଭ କରିବ। ଶିବ ସତ୍ୟମ୍ ପ୍ରଡକ୍ସନ୍ସ ବ୍ୟାନରରେ ଜ୍ଞାନରଞ୍ଜନ ସାହୁ ଓ ଅମ୍ରିତ ନିଷାଦଙ୍କ ଦ୍ୱାରା ପ୍ରଯୋଜିତ ଏହି ଫିଲ୍ମର କାହାଣୀ ଓ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଏ. ଶିବା ସତ୍ୟମ୍।

ହଂକଂ ଓପନ୍ : ଫାଇନାଲ ଟିକେଟ୍ ପାଇଁ ଲଢ଼ିବେ ଲକ୍ଷ୍ୟ ସେନ୍

ହଂକଂ, ୨୧/୧୧ : ଏଠାରେ ଚାଲିଥିବା ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍ ସୁପର-୫୦୦ 'ଲି-ନିଙ୍ଗ ହଂକଂ ଓପନ୍ ୨୦୨୬' ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଭାରତକୁ ମିଶ୍ରିତ ଫଳ ମିଳିଛି। ଶନିବାର ଖେଳାଯାଇଥିବା ପୁରୁଷ ଡବଲ୍ସ ସେମିଫାଇନାଲରେ ଭାରତର ପଞ୍ଚମ ସିଡ୍ ତଥା ବିଶ୍ୱ ମାନ୍ୟତାର ୬ ନମ୍ବର ଯୋଡ଼ି ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ପରାସ୍ତ ହୋଇ ପ୍ରତିଯୋଗିତାରୁ ବାଦ୍ ପଡ଼ିଛନ୍ତି। ଅନ୍ୟପଟେ, ପୁରୁଷ ସିଙ୍ଗଲ୍ସରେ ଦମଦାର ଫର୍ମରେ ଥିବା ଲକ୍ଷ୍ୟ ସେନ୍ ସେମିଫାଇନାଲରେ ପ୍ରବେଶ କରି ଟାଇଟଲ୍ ଆଶାକୁ ଉଜ୍ଜୀବିତ ରଖିଛନ୍ତି। କାଇ ଟାକ୍ ଆରେନାଠାରେ ଖେଳାଯାଇଥିବା ସେମିଫାଇନାଲ ମୁକାବିଲାରେ ସାତ୍ୱିକ ଓ ଚିରାଗ ମାଲେସିଆର ଅଷ୍ଟମ ସିଡ୍ ଯୋଡ଼ି ମାନ୍ ୱେଇ ଚୋଙ୍ଗ ଏବଂ ଟି କାଇ ୱୁନ୍ଙ୍କ ନିକଟରୁ ୧୮-୨୧, ୧୯-୨୧ ପଏଣ୍ଟରେ ପରାସ୍ତ ହୋଇଛନ୍ତି। ମାତ୍ର ୪୦-୪୧ ମିନିଟ୍ ଧରି ଚାଲିଥିବା ଏହି ମ୍ୟାଚ୍‌ରେ ଭାରତୀୟ ଯୋଡ଼ିଙ୍କଠାରୁ ଅନେକ ଅନଫୋର୍ସଡ୍ ଏରର୍ (ତ୍ରୁଟି) ଦେଖିବାକୁ ମିଳିଥିଲା। ପ୍ରଥମ ସେଟ୍‌ରେ ୧୨-୧୭ରେ ପଛୁଆ ରହିବା ପରେ ସାତ୍ୱିକଙ୍କ ଚମତ୍କାର ଡିଫେନ୍ସ ବଳରେ ଭାରତ ୧୭-୧୭ରେ ବରାବର କରିଥିଲା, କିନ୍ତୁ ମାଲେସିଆ ଯୋଡ଼ି ଶେଷ ପଏଣ୍ଟ ହାତେଇ ସେଟ୍ ଜିତି ନେଇଥିଲେ।

ମହିଳା ଏସିଆନ୍ ଚାମ୍ପିଅନ୍ସ ଟ୍ରଫି ହକି

ମାଲେସିଆକୁ ୪-୧ରେ ହରାଇ ଭାରତର ବିଜୟ

ଭୋପାଳ, ୨୧/୧୧: ମଧ୍ୟପ୍ରଦେଶର ଭୋପାଳସ୍ଥିତ ନାଥୁ ବରଖେଡ଼ା ଅନ୍ତର୍ଜାତୀୟ କ୍ରୀଡ଼ା କମ୍ପ୍ଲେକ୍ସଠାରେ ଚାଲିଥିବା ମହିଳା ଏସିଆନ୍ ଚାମ୍ପିଅନ୍ସ ଟ୍ରଫି ହକି ୨୦୨୬ରେ ଡିଫେଣ୍ଡିଂ ଚାମ୍ପିଅନ୍ ଭାରତୀୟ ଦଳ ଜବରଦସ୍ତ ବିଜୟ ସହ ନିଜର ଅଭିଯାନ ଆରମ୍ଭ କରିଛି। ଟୁର୍ଣ୍ଣାମେଣ୍ଟର ଉଦଘାଟନୀ ମ୍ୟାଚ୍‌ରେ ଭାରତ ୪-୧ ଗୋଲ୍‌ରେ ମାଲେସିଆକୁ ପରାସ୍ତ କରି ପୂରା ୩ ପଏଣ୍ଟ ହାସଲ କରିଛି। ଏହି ବିଜୟର ସବୁଠାରୁ ବଡ଼ ଆକର୍ଷଣ ଥିଲେ ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁରର ଯୁବ ଡିଫେଣ୍ଡର ପୂଜା ସାହୁ, ଯିଏକି ନିଜର ପ୍ରଥମ ବରିଷ୍ଠ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଚମତ୍କାର ଗୋଲ୍ ସ୍କୋର କରିବା ସହ 'ପ୍ଲେୟାର ଅଫ୍ ଦି ମ୍ୟାଚ୍' ପୁରସ୍କାର ହାତେଇଛନ୍ତି।

ପଦାର୍ପଣ ମ୍ୟାଚ୍‌ରେ ଚମକିଲେ ଓଡ଼ିଆ ଝିଅ ପୂଜା ସାହୁ

ମ୍ୟାଚ୍‌ର ପ୍ରଥମ କ୍ୱାର୍ଟର ଗୋଲ୍‌ଶୂନ୍ୟ ରହିବା ପରେ ଦ୍ୱିତୀୟ କ୍ୱାର୍ଟରରେ ମାଲେସିଆ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲା। ମ୍ୟାଚ୍‌ର ୧୯ତମ ମିନିଟ୍‌ରେ ନୁରାମିରା ଜୁଲକିଫ୍ଲି ଏକ ଫିଲ୍ଡ ଗୋଲ୍ ଦେଇ ମାଲେସିଆକୁ ୧-୦ରେ ଆଗୁଆ କରିଥିଲେ। ତେବେ ଭାରତୀୟ ଖେଳାଳିମାନେ ତୁରନ୍ତ ପ୍ରତ୍ୟାବର୍ତ୍ତନ କରିଥିଲେ ଏବଂ ମାତ୍ର ୬୦ ସେକେଣ୍ଡ ପରେ ଅର୍ଥାତ୍ ୨୦ତମ ମିନିଟ୍‌ରେ ମୁମତାଜ ଖାନ୍ ଗୋଟିଏ ସୁନ୍ଦର ଗୋଲ୍ ଦେଇ ସ୍ଥିତିକୁ ୧-୧ ବରାବର କରିଥିଲେ। ପ୍ରଥମାର୍ଦ୍ଧ ଶେଷ ସୁଦ୍ଧା ଉଭୟ ଦଳ ସମାନ ସ୍ଥିତିରେ ରହିଥିଲେ। ଦ୍ୱିତୀୟାର୍ଦ୍ଧରେ ଭାରତୀୟ ଦଳ ସମ୍ପୂର୍ଣ୍ଣ ରୂପେ ମ୍ୟାଚ୍‌କୁ ନିଜ ନିୟନ୍ତ୍ରଣକୁ ନେଇଥିଲା। ୩୫ତମ ମିନିଟ୍‌ରେ ମିଳିଥିବା ଏକ ପେନାଲ୍ଟି କର୍ଣ୍ଣରରୁ ଅଧିନାୟିକା ସଲିମା ଟେଟେ ଗୋଲ୍ ଦେଇ ଭାରତକୁ ୨-୧ର ଅଗ୍ରଣୀ ଦେଇଥିଲେ। ଏହାର ମାତ୍ର ୪ ମିନିଟ୍ ପରେ (୩୯ତମ ମିନିଟ୍‌ରେ) ଓଡ଼ିଆ ତାରକା ପୂଜା ସାହୁ ପେନାଲ୍ଟି କର୍ଣ୍ଣରକୁ ଗୋଲ୍‌ରେ ପରିଣତ କରି ଭାରତର ସ୍କୋରକୁ ୩-୧ରେ ପହଞ୍ଚାଇଥିଲେ। ଏହାପରେ ୪୯ତମ ମିନିଟ୍‌ରେ ଅଭିଜ୍ଞା ଖେଳାଳି ଲାଲରେମସିଆମି ଅନ୍ୟ ଏକ ପେନାଲ୍ଟି କର୍ଣ୍ଣରରୁ ଚତୁର୍ଥ ଗୋଲ୍ ଦେଇ ଭାରତର ୪-୧ ବିଜୟ ସୁନିଶ୍ଚିତ କରିଥିଲେ। ମ୍ୟାଚ୍ ପରେ ଭାରତୀୟ ମୁଖ୍ୟ ପ୍ରଶିକ୍ଷକ ଶୋର୍ଡ ମାରିଜନେ ପଦାର୍ପଣକାରୀ ପୂଜା ସାହୁଙ୍କ ପ୍ରଦର୍ଶନକୁ ଭୂୟସୀ ପ୍ରଶଂସା କରି କହିଛନ୍ତି ଯେ, ପୂଜା ଅତ୍ୟନ୍ତ ଉତ୍ସାହର ସହ ଖେଳିଛନ୍ତି ଏବଂ ଦଳରେ ତାଙ୍କୁ କାହିଁକି ସାମିଲ କରାଯାଇଛି ତାହା ସେ ପ୍ରମାଣିତ କରିଛନ୍ତି। ଆଜି ସନ୍ଧ୍ୟା ୭ଟାରେ ଭାରତୀୟ ଦଳ ନିଜର ଦ୍ୱିତୀୟ ଲିଗ୍ ମ୍ୟାଚ୍‌ରେ ଦକ୍ଷିଣ କୋରିଆକୁ ଭେଟିବ।

Annual Subscription Form

(ବାର୍ଷିକ ଚାନ୍ଦା ଫର୍ମ)

(Registered Odia Weekly Newspaper
ପଞ୍ଜୀକୃତ ଓଡ଼ିଆ ସାପ୍ତାହିକୀ ପତ୍ରିକା)

ଜନବାର୍ତ୍ତା ସାଭିମାନୀ ଓଡ଼ିଆଙ୍କ ସର (JANABARTTA SWABHIMANI ODIANKA SWARA) ପ୍ରତିଷ୍ଠାତା - ବିଜୟ କୁମାର ପଟ୍ଟନାୟକ
PRGI NO- ORORI/26/A0341. ● WEEKLY EDITION

Correspondence Address / ଠିକଣା: Plot No-B30 C, Phase II, Ananta Vihar, Pokhariput, Bhubaneswar, Khordha,Odisha 751020
Contact / ଯୋଗାଯୋଗ: 0674-3573358, Email: janabartadigital@gmail.com

Subscriber Details / ଗ୍ରାହକଙ୍କ ବିବରଣୀ:

1. Full Name (in Block Letters) / ପୂରା ନାମ : _____
2. Occupation / ପେଷା : _____
3. Delivery Address / ପତ୍ରାଳାପ ଠିକଣା : _____

At / ଗ୍ରାମ: _____, Po/ପୋଷ୍ଟ : _____, Ps / ଥାନା: _____

District / ଜିଲ୍ଲା: _____, State / ରାଜ୍ୟ: _____, PIN / ପିନ୍ କୋଡ୍: _____

4. Mobile Number / ମୋବାଇଲ୍ ନମ୍ବର (WhatsApp): _____
5. Email ID / ଇମେଲ୍ : _____

Subscription Details / ଚାନ୍ଦା ବିବରଣୀ:

Price per Issue / ପ୍ରତି ସଂଖ୍ୟାର ମୂଲ୍ୟ : Rs. 8 /-
Total Annual Issues / ବାର୍ଷିକ ସଂଖ ୍ୟା : 52 Issues
Total Annual Subscription Fees / ସର୍ବମୋଟ ବାର୍ଷିକ ଚାନ୍ଦା : Rs. 400/- (Four Hundred Rupees Only)
Subscription Period / ଚାନ୍ଦା ଅବଧି: From [Month, Year] _____ To [Month, Year] _____

Payment Mode / ଦେୟ ପ୍ରଣାଳୀ:

Bank Transfer (NEFT/IMPS) / ବ୍ୟାଙ୍କ ଜମା:
Account Name / ଆକାଉଣ୍ଟ ନାମ: JANABARTTA SWABHIMANI ODIANKA SWARA
Bank Name / ବ୍ୟାଙ୍କ: Union Bank of India Branch / ଶାଖା: OMC Campus
Account Number / ହିସାବ ନମ୍ବର: 105911010000100
IFSC Code / ଆଇ.ଏଫ୍.ଏସ୍.ସି: UBIN0810592
Payment Transaction ID / UTR No (For Digital Payments): _____
Date of Payment / ପେମେଣ୍ଟ ତାରିଖ: _____ / _____ /_____

Date / ତାରିଖ : _____ / _____ / _____


Place / ସ୍ଥାନ : _____ *Full Signature of Subscriber / ଗ୍ରାହକଙ୍କ ସ୍ୱାକ୍ଷର*

(For Office Use Only / କାର୍ଯ୍ୟାଳୟ ବ୍ୟବହାର ପାଇଁ)

Subscription ID / ଗ୍ରାହକ ନମ୍ବର: _____, Receipt Number / ରସିଦ ନମ୍ବର: _____
Received By (Name & Signature): _____, Date / ତାରିଖ: ____ / ___ / _____

Signature / ସ୍ୱାକ୍ଷର

ଅସାମାଜିକ ବ୍ୟକ୍ତିଙ୍କ ସୁରକ୍ଷା କବଚ ପାଲଟିଛି ରାଜନୀତି



ସାରଦା ପ୍ରସନ୍ନ ସ୍ୱାଇଁ
ସାଧାରଣ ସମ୍ପାଦକ
ଜନ ଜାଗରଣ

ଏକ ସମାଜରେ ଯେତେବେଳେ ରାଜନୀତି ସେବା ପରିବର୍ତ୍ତେ ସ୍ୱାର୍ଥର ମାଧ୍ୟମ ପାଲଟିଯାଏ, ସେତେବେଳେ ଅପରାଧୀ ଓ ଅସାମାଜିକ ବ୍ୟକ୍ତିଙ୍କ ପାଇଁ ତାହା ସୁରକ୍ଷା କବଚ ହୋଇଯାଏ । ରାଜନୀତି ହେଉଛି ଜନସେବାର ଏକ ମହାନ ମାଧ୍ୟମ । ଲୋକଙ୍କ ଅଧିକାରର ସୁରକ୍ଷା, ସମାଜରେ ଶାନ୍ତି ପ୍ରତିଷ୍ଠା ଏବଂ ନ୍ୟାୟଭିତ୍ତିକ ଶାସନ ବ୍ୟବସ୍ଥା ଗଠନ କରିବା ହେଉଛି ରାଜନୀତିର ମୂଳ ଉଦ୍ଦେଶ୍ୟ । କିନ୍ତୁ ଆଜି ଅନେକ କ୍ଷେତ୍ରରେ ରାଜନୀତିର ଏହି ମୂଳ ଆଦର୍ଶ ବାଟବଣା ହେଉଥିବା ଦେଖାଯାଉଛି । ଦୁଃଖର ବିଷୟ, କିଛି ସ୍ୱାର୍ଥାନ୍ୱେଷୀ ରାଜନୈତିକ ନେତୃତ୍ୱ ନିଜର କ୍ଷମତା ଓ ପ୍ରଭାବ ବୃଦ୍ଧି ପାଇଁ ଅସାମାଜିକ ତତ୍ତ୍ୱଙ୍କୁ ଆଶ୍ରୟ ଦେଉଥିବା ଅଭିଯୋଗ ହୁଏ । ନିର୍ବାଚନ ସମୟରେ ଭିଡ଼ ଜମା କରିବା, ବିରୋଧୀଙ୍କୁ ଭୟଭୀତ କରିବା, ସାଧାରଣ ଲୋକଙ୍କ ଉପରେ ଚାପ ପକାଇବା ଏବଂ ନିଜର ପ୍ରଭାବ ବିସ୍ତାର କରିବା ପାଇଁ ଏଭଳି ଲୋକଙ୍କୁ ବ୍ୟବହାର କରାଯାଉଥିବା ଘଟଣା ସମାଜ ପାଇଁ ଚିନ୍ତାଜନକ ।

ପ୍ରଶ୍ନ ଉଠୁଛି, ଆଇନଠାରୁ ବଡ଼ କ'ଣ ରାଜନୈତିକ ପରିଚୟ ? ଯଦି କୌଣସି ବ୍ୟକ୍ତି ନିଜର ରାଜନୈତିକ ସମ୍ପର୍କ ଦେଖାଇ ଆଇନକୁ ହାତକୁ ନିଏ, ସାଧାରଣ ଲୋକଙ୍କୁ ଧମକ ଦିଏ, ଜମିବାଡ଼ି ବିବାଦରେ ଜୋରଜବରଦସ୍ତି କରେ କିମ୍ବା ସାମାଜିକ ଶାନ୍ତି ନଷ୍ଟ କରେ, ତେବେ ତାଙ୍କ ବିରୋଧରେ ନିରପେକ୍ଷ ଆଇନଗତ କାର୍ଯ୍ୟାନୁଷ୍ଠାନ ହେବା ଦରକାର । କିନ୍ତୁ ଯେତେବେଳେ ରାଜନୈତିକ ଚାପ, ପ୍ରଭାବ ଓ ସମ୍ପର୍କ ନ୍ୟାୟ ପ୍ରକ୍ରିୟାକୁ ପ୍ରଭାବିତ କରେ, ସେତେବେଳେ ସାଧାରଣ ନାଗରିକଙ୍କ ମନରେ ଆଇନ ଓ ପ୍ରଶାସନ ପ୍ରତି ଆସ୍ଥା କମିଯାଏ ।

ଆହୁରି ଚିନ୍ତାଜନକ ବିଷୟ ହେଉଛି, ସମାଜରେ ସଚ୍ଚୋଟ, ଶିକ୍ଷିତ ଓ ନୀତିବାନ ଲୋକମାନେ ରାଜନୀତିଠାରୁ ଦୂରେଇ ଯାଉଥିବାବେଳେ କ୍ଷମତା ଓ ପ୍ରଭାବର ଲୋଭ ରଖୁଥିବା କିଛି ଲୋକ ରାଜନୈତିକ ପରିବେଶକୁ କଳୁଷିତ କରୁଛନ୍ତି । ଏହାର ପ୍ରଭାବ କେବଳ ରାଜନୀତିରେ ସୀମିତ